

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶନିବାର ପାଟନାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କ ଜନ୍ମଦିନରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ଉପସ୍ଥିତ ଥିଲେ। ପୂର୍ବରୁ ଜେଟ୍‌ଲୀଙ୍କ ପ୍ରତିମୂର୍ତ୍ତି ପାଟନାରେ ପ୍ରତିଷ୍ଠା କରାଯିବ ବୋଲି ନୀତୀଶ ଘୋଷଣା କରିଥିଲେ। ଗତ ଅଗଷ୍ଟ ୨୪ରେ ଦିଲ୍ଲୀର ଏମ୍ସ ହସ୍ପିଟାଲରେ ଜେଟ୍‌ଲୀଙ୍କ ପରଲୋକ ହୋଇଥିଲା।



# ଆଜି ଶପଥ ନେବେ ହେମନ୍ତ ସୋରେନ

ରାଞ୍ଚି,୨୮।୧୨(ଆଇଏଏନ୍‌ଏସ୍)



## ଶକ୍ତି ପ୍ରଦର୍ଶନ କରିବେ ବିରୋଧୀ

ଝାଡ଼ଖଣ୍ଡର ଏକାଦଶ ମୁଖ୍ୟମନ୍ତ୍ରୀ ଭାବେ ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ ରବିବାର ଶପଥ ଗ୍ରହଣ କରିବେ। ଏହି ଅବସରରେ ବିରୋଧୀ ଦଳ ଶକ୍ତିପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ହେଉଛି। ଶପଥ ଗ୍ରହଣ ଉତ୍ସବରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳ ନାଥ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୋରାବାଡ଼ି ମଇଦାନରେ ଅପରାହ୍ନ ୨ଟାରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ, ଟିଡିପି ନେତା ଚନ୍ଦ୍ରବାବୁ ନାଇଡୁ, ଆର୍‌ଜେଡିର କାର୍ଯ୍ୟକାରୀ ଅଧ୍ୟକ୍ଷ ତେଜସ୍ୱୀ ଯାଦବ ପ୍ରମୁଖ ମଧ୍ୟ ଯୋଗଦେବେ।

ଗତବର୍ଷ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ଏଚ୍.ଡି. ଦେବେଗୌଡା ଶପଥ ନେବାବେଳେ ସବୁ ବିରୋଧୀ ଦଳ ନେତା ଏକାଠି ହୋଇଥିଲେ। ସେଠାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ବିଏସ୍‌ପି ନେତ୍ରୀ ମାୟାବତୀ ମଧ୍ୟ ଉପସ୍ଥିତ ଥିଲେ। ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଜେଏମ୍‌ଏମ୍-କଂଗ୍ରେସ-ଆର୍‌ଜେଡି ମେଣ୍ଟକୁ ୪୭ ଆସନ ମିଳିଥିଲା। ଏହା ବ୍ୟତୀତ ଜେଭିଏମ୍-ପି ଏବଂ ସିପିଆଇ-ଏମ୍‌ଏଲ୍ ମଧ୍ୟ ଉକ୍ତ ମେଣ୍ଟକୁ ସମର୍ଥନ ଜଣାଇଛନ୍ତି। ଫଳରେ ପ୍ରଥମ ଥର ପାଇଁ ୫୧ ସଦସ୍ୟଙ୍କ ସମର୍ଥନରେ ଝାଡ଼ଖଣ୍ଡରେ ସରକାର ଗଠନ ହେବାକୁ ଯାଉଛି।



ଏନ୍‌ଆର୍‌ସି ଏବଂ ସିଏଏ ବିରୋଧରେ ଶନିବାର ମୁମ୍ବାଇରେ କଂଗ୍ରେସ କର୍ମୀଙ୍କ ଶାନ୍ତି ଶୋଭାଯାତ୍ରା।

## ସେନାଧକ୍ଷଙ୍କୁ ଚିଦାମ୍ବରମଙ୍କ ପରାମର୍ଶ

# ନିଜ କାମରେ ସୀମିତ ରୁହ

ଥିରୁଭାନନ୍ତପୁରମ୍,୨୮।୧୨



ପି. ଚିଦାମ୍ବରମ୍ / ବିପିନ୍ ରାୱତ୍

ସେନାଧକ୍ଷ ଜେନେରାଲ ବିପିନ୍ ରାୱତ୍ ନିଜ କାମ ଭିତରେ ସୀମିତ ରୁହନ୍ତୁ, ରାଜନେତାଙ୍କୁ ଶିକ୍ଷାଦେବା ବନ୍ଦକରନ୍ତୁ ବୋଲି କଂଗ୍ରେସର ବରିଷ୍ଠ ନେତା ପି. ଚିଦାମ୍ବରମ୍ ଶନିବାର କହିଛନ୍ତି। ରାଜନେତାମାନେ ସେନା ଅଧିକାରୀଙ୍କୁ କିଭଳି ସେମାନଙ୍କ କାର୍ଯ୍ୟ କରିବାକୁ ହୁଏ କୁହନ୍ତି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ସିଏଏ ବିରୋଧୀ ହିଂସାରେ ସାମିଲ ଥିବା ଯୁବବର୍ଗଙ୍କୁ ଖରାପ ବାଟରେ ନେଉଥିବା ଲୋକ ନେତା ନୁହେଁ ବୋଲି ଜେନେରାଲ ରାୱତ୍ ଗୁରୁବାର କହିଥିଲେ। ଚିଦାମ୍ବରମ କହିଛନ୍ତି, ସରକାର ଡିଜିପି ଓ ସେନା ଅଧିକାରୀଙ୍କୁ ସମର୍ଥନ ଲାଗି କହିବା ଲଜ୍ଜାର କଥା। ବିଶେଷକରି ସେନାବାହିନୀର ନେତୃତ୍ୱ ନେଉଥିବା ବ୍ୟକ୍ତି ନିଜ କାମରେ ସୀମିତ ରହିବା ଉଚିତ । ସେମାନେ ରାଜନେତାଙ୍କୁ କ'ଣ କରିବା, ନ କରିବା କଥା କହିବା ଅନୁଚିତ ବୋଲି କେରଳର ଥିରୁଭାନନ୍ତପୁରମ୍‌ରେ କଂଗ୍ରେସର ମହାର୍‌ୟାଲିକୁ ଉଦ୍‌ବୋଧନ ଦେଇ କହିଛନ୍ତି। ସିଏଏ, ଏନ୍‌ଆର୍‌ସି ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଓ ବେଆଇନ, ଏହାକୁ ପ୍ରତ୍ୟାହାର କରାଯିବା ଦରକାର। ନଚେତ୍ କଂଗ୍ରେସ ଆନ୍ଦୋଳନ ଜାରିରହିବ ବୋଲି ଚିଦାମ୍ବରମ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଏଆଇଏମ୍‌ଆଇଏମ୍ ମୁଖ୍ୟ ଆସାଦୁଦ୍ଦିନ ମଧ୍ୟ ପୂର୍ବରୁ ସେନାଧକ୍ଷଙ୍କୁ ରାଜନେତାଙ୍କ କଥାରେ ମୁଣ୍ଡ ନ ପୂରାଇ ନିଜ କାର୍ଯ୍ୟ ପରିସର ଭିତରେ ରହିବାକୁ ପରାମର୍ଶ ଦେଇଥିଲେ।

## ରବିନା ଟଣ୍ଡନଙ୍କ ବିରୋଧରେ ମାମଲା

ବିଡ୍ (ମହାରାଷ୍ଟ୍ର),୨୮।୧୨

ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଫାରା ଖାନ୍ ଏବଂ ହାସ୍ୟାଭିନେତା ଭାରତୀ ସିଂଙ୍କ ବିରୋଧରେ ଶନିବାର ମହାରାଷ୍ଟ୍ରର ବିଡ୍‌ରେ ମାମଲା ରୁଜୁ ହୋଇଛି। ଏକ ଟିଭି ଶୋ'ରେ ସେମାନେ ଖ୍ରୀଷ୍ଟିୟାନମାନଙ୍କ ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ ସ୍ଥାନୀୟ ଏନ୍‌ଜିଓର ମୁଖ୍ୟ ଆଶିଷ ସିନ୍ଦେ ଶିବାଜୀ ନଗର ଥାନାରେ ଏତଲା ଦେଇଥିଲେ। ପରେ ଏତଲାକୁ ମାଲାଡ ଥାନାକୁ ସ୍ଥାନାନ୍ତର କରାଯାଇଥିଲା। ଅମୃତସର ପୋଲିସ ମଧ୍ୟ ଫାରା ଖାନ୍‌ଙ୍କ ବିରୋଧରେ ଅନୁରୂପ ମାମଲା ରୁଜୁ କରିବା ପରେ ସେ କ୍ଷମା ମାଗିଥିଲେ। ସବୁ ଧର୍ମ ପ୍ରତି ତାଙ୍କର ସମ୍ମାନ ରହିଛି। କାହାକୁ ଅସମ୍ମାନିତ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ରବିନା ଟଣ୍ଡନଙ୍କ ସମେତ ପୂରା ଟିମ୍ ପକ୍ଷରୁ ଫାରା କହିବା ସହ ଏଥିପାଇଁ ଦୁଃଖ ପ୍ରକାଶ କରି ଟୁଇଟ୍ କରିଥିଲେ।



# ‘ଶାନ୍ତିପୂର୍ଣ୍ଣ ପ୍ରତିବାଦ ସମସ୍ତଙ୍କ ଅଧିକାର’

ନୂଆଦିଲ୍ଲୀ,୨୮।୧୨(ପି.ଟି.)



ଏମ୍. ଭେଙ୍କାୟା ନାଇଡୁ

ସିଏଏକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବାବେଳେ ଗଣତନ୍ତ୍ରରେ ପ୍ରତିବାଦ କରିବା ଅଧିକାର ସମସ୍ତଙ୍କର ରହିଛି ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ତେବେ ଏହା ଶାନ୍ତିପୂର୍ଣ୍ଣ ଭାବେ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। କୌଣସି ପ୍ରସଙ୍ଗ ଉପରେ ଆଲୋଚନା ବା ପ୍ରତିବାଦ କଲାବେଳେ ତାହାକୁ ଜାତି ଓ ଧର୍ମର ରଙ୍ଗ ଦିଆଯିବା ଉଚିତ ନୁହେଁ। ଜନସାଧାରଣ ଓ ରାଜନୈତିକ ଦଳମାନଙ୍କୁ ଆହ୍ୱାନ ଦେଇ ସେ କହିଛନ୍ତି, ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ସାମ୍ବିଧାନିକ ପଦ୍ଧତି ଓ ହିଂସା ଏକସଙ୍ଗେ ଚାଲିପାରିବ ନାହିଁ ବୋଲି ସେ କହିଛନ୍ତି। ପୂର୍ବତନ ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କ ଏକ ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗଦେଇ ଭେଙ୍କାୟା କହିଥିଲେ ଏହା ଯୁବପିଢ଼ି ଓ ସାଧାରଣ ଜୀବନ ସହ ଯୋଡ଼ିହେବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏହା ଉଦ୍ଦିଷ୍ଟ।

## ଭାଜପାକୁ ଯଶ୍ୱନ୍ତ ସିହ୍ନାଙ୍କ ସମାଲୋଚନା

# ଦୁର୍ଯ୍ୟୋଧନ, ଦୁଃଶାସନଙ୍କୁ ସାବଧାନ

ନୂଆଦିଲ୍ଲୀ,୨୮।୧୨(ପି.ଟି.)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶ୍ୱନ୍ତ ସିହ୍ନା ଶନିବାର ଭାଜପା ଉପରେ ବର୍ଷିଛନ୍ତି। ଦେଶବ୍ୟାପୀ ସିଏଏ ବିରୋଧୀ ବିକ୍ଷୋଭ ଜାରି ରହିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ‘ଟୁକ୍‌ଡ଼େ ଟୁକ୍‌ଡ଼େ’ ମନ୍ତବ୍ୟକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏଭଳି ମନ୍ତବ୍ୟ ଭାରି ମାରାତ୍ମକ ବୋଲି ସିହ୍ନା ପ୍ରକାଶ କରିଛନ୍ତି। ଏହି ଟୁକ୍‌ଡ଼େ ଟୁକ୍‌ଡ଼େ' ଗ୍ୟାଙ୍ଗରେ ଭାଜପାର ମାତ୍ର ଦୁଇଜଣ ଅଛନ୍ତି। ମହାଭାରତର ନକାରାତ୍ମକ ଚରିତ୍ର ଦୁର୍ଯ୍ୟୋଧନ ଓ ଦୁଃଶାସନ ଭଳି । କୁରୁକ୍ଷେତ୍ର ଯୁଦ୍ଧ ଲାଗି ସେମାନେ ଦାୟୀ ଥିଲେ। ଏବେ ଏହି ଟୁକ୍‌ଡ଼େ ଟୁକ୍‌ଡ଼େ ଗ୍ୟାଙ୍ଗକୁ ଦଣ୍ଡିତ କରିବାର ସମୟ ଆସିଛି ବୋଲି ଦିଲ୍ଲୀରେ ସିହ୍ନା କହିଛନ୍ତି। ଚଳିତ ସପ୍ତାହ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ମୋଦି ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କୁ ସହରୀ ନକ୍ସଲ ବୋଲି କଂଗ୍ରେସ ଓ ଏହାର ସହଯୋଗୀଙ୍କୁ ଆକ୍ଷେପ କରି କହିଥିଲେ। ପ୍ରକାଶଥାଉ କି, ବାଜପେୟୀ ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିବା ସିହ୍ନା ଗତବର୍ଷ ଭାଜପା ଛାଡ଼ିଥିଲେ।

## ଭାଜପା ଆଇଟି ସେଲ୍ ମୁଖ୍ୟଙ୍କୁ ଏଡିଟର୍ସ ଗିଲ୍ଡର ସମାଲୋଚନା



ନୂଆଦିଲ୍ଲୀ,୨୮।୧୨(ପି.ଟି.)

ଖବରଦାତା ରାଜଦୀପ୍ ସାରଦେଶାଇଙ୍କ ବିରୋଧରେ ଅନ୍‌ଲାଇନ ମତାମତ ସଂଗ୍ରହ କରୁଥିବା ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟଙ୍କୁ ଏଡିଟର୍ସ ଗିଲ୍ଡ ପକ୍ଷରୁ ସମାଲୋଚନା କରାଯାଇଛି। ଏହାକୁ ପ୍ରତ୍ୟାହାର କରିନେବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏଡିଟର୍ସ ଗିଲ୍ଡ ଭାଜପାକୁ କହିଛି। ସାରଦେଶାଇ ଆଇଏସ୍‌ର ପିଆର୍ ଦାୟିତ୍ୱ ତୁଲାଇବା ଆବଶ୍ୟକ କି ମତାମତ ଦେବାକୁ ଶୁକ୍ରବାର ମାଲବ୍ୟ ତାଙ୍କ ଟୁଇଟର ହ୍ୟାଣ୍ଡଲରେ ଲେଖିଥିଲେ। ମାଲବ୍ୟଙ୍କର ଏଭଳି କାର୍ଯ୍ୟ ଦୁଃଖଦାୟକ ଓ ନିନ୍ଦନୀୟ ବୋଲି ଏଡିଟର୍ସ ଗିଲ୍ଡ କହିଛି।

# ଅଳ୍ପକେ ବର୍ତ୍ତିଲେ ସପ୍‌ନା ଚୌଧୁରୀ



ଗୁରୁଗ୍ରାମ,୨୮।୧୨: ହରିୟାଣା ଗାୟିକା ତଥା ନୃତ୍ୟାଙ୍ଗନା ସପ୍‌ନା ଚୌଧୁରୀ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୋହନା ରୋଡ୍‌ରୁ ଶପିଙ୍ଗ୍ ସାରି ଫେରୁଥିବାବେଳେ ଗୁରୁଗ୍ରାମ ନିକଟରେ ତାଙ୍କ ଧଳା ଫର୍ଚୁନର ଏସ୍‌ୟୁଭିକୁ ପଛପଟୁ ଅନ୍ୟ ଏକ କାର୍ ଧକ୍କା ଦେଇଥିଲା। ଏସ୍‌ୟୁଭି ପଛ ଶିଟ୍‌ରେ ବସିଥିବା ସପ୍‌ନା ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ହେଲେ ତାଙ୍କ ଗାଡ଼ି ଚୂର୍‌ମାର ହୋଇଯାଇଛି। ସପ୍‌ନା ଏନେଇ ପୋଲିସରେ କୌଣସି ଅଭିଯୋଗ କରି ନ ଥିବା ଜଣାପଡ଼ିଛି। ବିଗ୍ ବସ୍-୧୧ରେ ସେ ବେଶ୍ ପରିଚିତ ହୋଇପାରିଥିଲେ।





## ଗୋପାଳପୁର ବେଳାଭୂମି ମହୋତ୍ସବ ଉଦ୍‌ଯାପିତ

# ଝୁମାଇଲେ ଶାନ୍






ବ୍ରହ୍ମପୁର ଅଫିସ,୨୮।୧୨

ଗୋପାଳପୁର ବେଳାଭୂମି ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଅନ୍ତିମ ସନ୍ଧ୍ୟାରେ ଦମ୍ ଦେଖାଇଥିଲେ ବଲିଉଡର ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଶାନ୍। ଗୋଟିଏ ପରେ ଗୋଟିଏ ଗୀତ ଗାଇ ମହୋତ୍ସବର ଶେଷ ସନ୍ଧ୍ୟାକୁ ଆକର୍ଷଣୀୟ କରିଥିଲେ । ମେ ହୁଁ ଡନ୍ ... ଗୀତରୁ ଶାନ୍‌ଙ୍କ ଏଣ୍ଟ୍ରି ହିଁ ମହୋତ୍ସବ ସ୍ଥଳ ଦର୍ଶକଙ୍କ କରତାଳିରେ କମ୍ପି ଉଠିଥିଲା । ଓମ୍ ଶାନ୍ତି ଓମ୍...., ଚାର କଦମ୍ ....., ଚନ୍ଦସେ ପରିସ ..... ଗୀତ ଗାଇ ଦର୍ଶକଙ୍କ ମନ ମୋହିଥିଲେ । ଏଥିସହ ବଲିଉଡ କଣ୍ଠଶିଳ୍ପୀ ପ୍ରତିଭା ସିଂ କଣ୍ଠର ଯାଦୁରେ ଦର୍ଶକଙ୍କୁ ବିମୋହିତ କରିଥିଲେ । ଶାନ୍‌ଙ୍କୁ ଦେଖିବାକୁ ବେଳାଭୂମିରେ ଲକ୍ଷାଧିକ ଦର୍ଶକଙ୍କ ଭିଡ ଜମିଥିଲା। ଅନ୍ୟପଟେ ଶେଷ ସନ୍ଧ୍ୟାରେ ସ୍ଥାନୀୟ ନୃତ୍ୟ ଦଳଗୁଡ଼ିକ ମଧ୍ୟ ମହୋତ୍ସବର ଶେଷ ସନ୍ଧ୍ୟାକୁ ରଙ୍ଗିନ କରିଥିଲେ। ବିଞ୍ଛଣାପଲ୍ଲୀର ଚୈତନ୍ୟ ନାଟ୍ୟାନନ୍ଦ ଘଣ୍ଟ ମୃଦଙ୍ଗ ସଂଘ ତରଫରୁ ଘଣ୍ଟ ମୃଦଙ୍ଗ, ସମର୍ଥ ତରଫରୁ ଆଧୁନିକ ନୃତ୍ୟ, ଛତ୍ରପୁର ଡ୍ରିମ୍ସ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆଧୁନିକ ନୃତ୍ୟ, ରିୟଲ ଷ୍ଟାର ଡ୍ୟାନ୍ସ ଏକାଡେମୀ ତରଫରୁ ଆଧୁନିକ ନୃତ୍ୟ, ବ୍ରହ୍ମପୁର ଗାୟତ୍ରୀ କଳାବିକାଶ କେନ୍ଦ୍ର ତରଫରୁ ପଲ୍ଲୀ ନୃତ୍ୟ, ବ୍ରହ୍ମପୁର ବିଟ୍ ପ୍ଲସ୍ ଡ୍ୟାନ୍ସ କ୍ରୀଉ ତରଫରୁ ଅଧୁନିକ ନୃତ୍ୟ, ମା' ନୃତ୍ୟ ଯୋଗ ତରଫରୁ ସମ୍ବଲପୁରୀ ନୃତ୍ୟ, ଭୁବନେଶ୍ୱର ତ୍ରିଧାରା କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷ ସନ୍ଧ୍ୟାରେ ଅତିଥି ଭାବେ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲ୍ଲିପ ରାୟ, ଏମ୍‌କେସିଜିର ପୂର୍ବତନ ପ୍ରଫେସର ଡା. ପି.ସି. ସାହୁ, ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ବିର୍ଲା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଲଳିତ କୁମାର ଦେବ, ଗୋପାଳପୁର ଆର୍ମି ଲ୍ୟୁଟେନାଣ୍ଟ ସଚିନ୍ଦ୍ର ସିଂଙ୍କ ସମେତ ବିଧାୟକ, ବ୍ରହ୍ମପୁର ଏମ୍‌ପି ପ୍ରମୁଖ ଯୋଗଦେଇଥିଲେ ।

## କଶ୍ମୀର ଆଇଜିପି ହେଲେ ବିଜୟ କୁମାର

ଶ୍ରୀନଗର,୨୮।୧୨(ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ନୂଆ ପୋଲିସ ଆଇଜି ଭାବେ କେ. ବିଜୟ କୁମାର ନିଯୁକ୍ତ ହୋଇଛନ୍ତି। ୧୯୯୭ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ଏସ.ପି. ପାଣିଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଣିଙ୍କୁ ଜମ୍ମୁ-କଶ୍ମୀର ପୋଲିସର ସଶସ୍ତ୍ର ବାହିନୀର ଆଇଜି ଭାବେ ନିଯୁକ୍ତି ଦିଆଯାଇଛି।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. eT-CRW-MCS-EL-6-2019

**କାର୍ଯ୍ୟର ନାମ :** ରେଳ ଡ୍ବା ମରାମତି କାରଖାନା, ମଞ୍ଚେଶ୍ୱର ସ୍ଥିତ ଏସି ସପ୍‌ରେ ଏସି କୋଚ୍ ଗୁଡ଼ିକର ବିବିଧ ନନ୍ କୋର୍ କାର୍ଯ୍ୟ। (ଦୁଇ ବର୍ଷ ନିମନ୍ତେ)

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹ 42,35,915.71, EMD (ଟଙ୍କାରେ): ₹ 84,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,540.00, କାର୍ଯ୍ୟ ସମାପ୍ତିର ଅବଧି : 24 ମାସ।

(2) ଟେଣ୍ଡର ସଂ. eT-CRW-MCS-EL-7-2019

**କାର୍ଯ୍ୟର ନାମ :** 03 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର କୋଚିଂ ଡ଼ିପୋ (ପୁରୀ, ଭୁବନେଶ୍ୱର ଓ ବିଶାଖାପାଟଣା) ଠାରେ ପାୱାର କାର୍ ଗୁଡ଼ିକର ଟ୍ରିପ୍ ରକ୍ଷଣାବେକ୍ଷଣ ସହିତ ପାୱାର କାର୍ ଗୁଡ଼ିକର DA ସେଟ୍ ପରିଚାଳନା ଓ EOG ପାୱାର୍ କାର ଗୁଡ଼ିକୁ ମାନବଯୁକ୍ତ କରିବା।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹ 13,23,84,176.94, EMD (ଟଙ୍କାରେ): ₹ 8,11,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା 30.12.2019 ରିଖ (ଉଭୟ ଟେଣ୍ଡର ପାଇଁ), **ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ**

ତା 13.01.2020 ରିଖ 1500 ଘଟିକା (ଉଭୟ ଟେଣ୍ଡର ପାଇଁ)

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/
ରେଳ ଡ୍ବା ମରାମତି କାରଖାନା,
ମଞ୍ଚେଶ୍ୱର

PR-615/K/19-20



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ
ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀର ମୋହନ



## ଏ ସପ୍ତାହର କାର୍ଯ୍ୟକ୍ରମ

### ରବିବାର(୨୯।୧୨।୨୦୧୯)

**ଭୁବନେଶ୍ୱର**

- ଭୁବନେଶ୍ୱର-କଟକ କମିଶନରେଟ ପୋଲିସ ପକ୍ଷରୁ ମିନି ମାରାଥନ, ଓଏସ୍ଏପି, ୭ମ ବାଟାଲିୟନ ପଡ଼ିଆ, ସକାଳ ୬ଟା ୩୦।
- ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ ପକ୍ଷରୁ ରକ୍ତଦାନ ଶିବିର, ଭିଜନାରି ଇଣ୍ଟରନ୍ୟାଶନାଲ ସ୍କୁଲ, ପାତ୍ରପଡ଼ା, ସକାଳ ୯ଟା।
- ଏକ୍ସ-ଆର୍ମି ୧୨ ମହର ରେଜିମେଣ୍ଟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ, ଖଣ୍ଡଗିରି ବରି, ସକାଳ ୯ଟା ୩୦।
- ଆଲୁମ୍ନି ଆସୋସିଏଶନ ଅଫ ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେଶନର ବାର୍ଷିକ ସଭା, ଆରଆଇଇ ବିଲ୍ଡିଂ, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ପକ୍ଷରୁ ଶୀତ ଆସର, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ସିଟିଜେନ୍ସ ଫୋରମର ଦ୍ୱିତୀୟ ବାର୍ଷିକ ଦିବସ, ଇନଷ୍ଟିଚ୍ୟୁଟ ଅଫ୍ କନଫରେନ୍ସ ହଲ, ମଧୁସୂଦନ ନଗର, ୟୁନିଟ-୪, ପୂର୍ବାହ୍ନ ୧୦ଟା।
- ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମେଳନ ବାର୍ଷିକୋତ୍ସବ, ଓଲ୍ଡ ଆର୍ଟସ୍ ବ୍ଲକ୍, ବିଜେବି କଲେଜ, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଓଡ଼ିଶୀ ଡ୍ୟାନ୍ସ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- ନନ୍ଦନକାନନର ୬୦ତମ ପ୍ରତିଷ୍ଠା ଦିବସ, ନନ୍ଦନକାନନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ୬୨ତମ ପ୍ରତିଷ୍ଠା ଦିବସ, ସଂଗ୍ରହାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ୩ଜି ଆର୍ଟିଷ୍ଟ ଗ୍ରୁପ ପକ୍ଷରୁ ଅନ୍ତର୍ଜାତୀୟ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ସତ୍ୟସାଇ ଚାରିଟେବୁଲ ଓ ଏଜୁକେଶନାଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ୧୧ତମ ଇଣ୍ଡିଆନ କ୍ଲାଇମେଟ କଂଗ୍ରେସ, ଓୟୁଏଟି ବିଜୁ ପଟ୍ଟନାୟକ ହଲ, ପୂର୍ବାହ୍ନ ୧୧ଟା ୩୦।
- ସୂର୍ଯ୍ୟ ପର୍‌ଫର୍ମାନ୍ସ ଲାବ୍ ପକ୍ଷରୁ 'ଓଡ଼ିଶା ବାଇନେଲ', କଳା ଭୂମି, ଓଡ଼ିଶା କ୍ରାଫ୍ଟସ୍ ମ୍ୟୁଜିୟମ, ପୂର୍ବାହ୍ନ ୧୧ଟା।
- ହିନ୍ଦୁ ରାଷ୍ଟ୍ର ନବନିର୍ମାଣ ସେନା ପକ୍ଷରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- କିଟ୍ ନନ୍ହି ପରୀ ଲିଟିଲ୍ ମିସ୍ ଇଣ୍ଡିଆ, କିଟ୍ ସ୍କୁଲ, କ୍ୟାମ୍ପସ୍ ୯, ଅପରାହ୍ନ ୪ଟା ୩୦।
- ଇଟିକିଲି ମିଟିକିଲି ପକ୍ଷରୁ ସଙ୍ଗୀତ-ସୁରଭି, ସୂଚନା ଭବନ, ଅପରାହ୍ନ ୫ଟା।
- ଲେଖାଲେଖି ପକ୍ଷରୁ ଗାଳ୍ପିକ ଜଗଦୀଶ ମହାନ୍ତିଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ସମାରୋହ, ରୋଟାରି ଭବନ, ୟୁନିଟ-୯, ଅପରାହ୍ନ ୫ଟା ୩୦।
- ଦି ଚେନ୍ ଜୋକରସ୍ ଆଣ୍ଡ ଭୁବନେଶ୍ୱର କମେଡିଆନ୍ସ ପକ୍ଷରୁ 'ଡିଅର ୨୦୧୯', ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା।
- ଶତାବ୍ଦୀ କଳାକାର ପକ୍ଷରୁ ନାଟ୍ୟଚକ୍ର, ମିନି ଅଡିଟୋରିୟମ, ଭିଆଇପି ଏରିଆ, ନୟାପଲ୍ଲୀ, ସନ୍ଧ୍ୟା ୬ଟା ୪୫।

**କଟକ**

- ପ୍ରବନ୍ଧ ପୁସ୍ତକ ''ଉତ୍ତମ ସଙ୍ଗେ ସଙ୍ଗ ଯା'ର''ର ଉନ୍ମୋଚନ ଉତ୍ସବ, ସେଲିବ୍ରେଶନ ମଣ୍ଡପ, ମହାନଦୀ ବିହାର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ୩୮ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବର ଉଦଯାପନୀ, ଶହୀଦ ଭବନ, ଅପରାହ୍ନ ୫ଟା ୩୦।
- ସନ୍ଥ ଅରକ୍ଷିତ ଦାସ ଗବେଷଣା ପରିଷଦର ୨୫ତମ ରୌପ୍ୟ ଜୟନ୍ତୀ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ବରିଷ୍ଠ ନାଗରିକ ବୈଠକ, ଜିଲା ସଂସ୍କୃତି ଭବନ, ଅପରାହ୍ନ ୩ଟା।
- ୨ୟ ସେମି ଫାଇନାଲରେ ଓଡିଶା ପୋଲିସ ବନାମ ସାଇ ଇଣ୍ଡିଆ, ଜନତା ଷ୍ଟାଡିୟମ, ଅପରାହ୍ନ ୩ଟା।

**ପୁରୀ**

- ପୁରୀ ବିଦ୍ୟୁତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ସମାରୋହ, ବଡ଼ଦାଣ୍ଡ ବଡ଼ଶଙ୍ଖସ୍ଥିତ, ସ୍ୱସ୍ତିକ ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।

**ବାଲିଅନ୍ତା**

- ଉତ୍କଳ ଶିକ୍ଷା ବିକାଶ ପରିଷଦ ଆନୁକୂଲ୍ୟରେ ଶିକ୍ଷକ ପ୍ରଶିକ୍ଷଣର ଉଦ୍‌ଯାପନୀ ଉତ୍ସବ, ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ଅପରାହ୍ନ ୩ଟା।

### ସୋମବାର(୩୦।୧୨।୨୦୧୯)

**ଭୁବନେଶ୍ୱର**

- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଂସ୍କୃତି ସଂସଦ ପକ୍ଷରୁ ରକ୍ତଦାନ ଶିବିର, ସଚିବାଳୟ କ୍ୟାମ୍ପସ, ସକାଳ ୯ଟା।
- ୧୧୫ତମ ଡାକ ଅଦାଲତ, ମୁଖ୍ୟ ଡାକଘର କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଓଡ଼ିଶୀ ଡ୍ୟାନ୍ସ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- ୩ଜି ଆର୍ଟିଷ୍ଟ ଗ୍ରୁପ ପକ୍ଷରୁ ଅନ୍ତର୍ଜାତୀୟ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟ ପର୍‌ଫର୍ମାନ୍ସ ଲାବ୍ ପକ୍ଷରୁ 'ଓଡ଼ିଶା ବାଇନେଲ', କଳା ଭୂମି, ଓଡ଼ିଶା କ୍ରାଫ୍ଟସ୍ ମ୍ୟୁଜିୟମ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଭାଷା ପ୍ରତିଷ୍ଠାନ ପକ୍ଷରୁ ପୁସ୍ତକ ଚର୍ଚ୍ଚା, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।
- ଶତାବ୍ଦୀ କଳାକାର ପକ୍ଷରୁ ନାଟ୍ୟଚକ୍ର, ମିନି ଅଡିଟୋରିୟମ, ଭିଆଇପି ଏରିଆ, ନୟାପଲ୍ଲୀ, ସନ୍ଧ୍ୟା ୬ଟା ୪୫।
- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ ୧୭୮, ୟୁନିଟ-୯, ସନ୍ଧ୍ୟା ୭ଟା।

### ମଙ୍ଗଳବାର(୩୧।୧୨।୨୦୧୯)

**ଭୁବନେଶ୍ୱର**

- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ ୧୭୮, ୟୁନିଟ-୯, ପୂର୍ବାହ୍ନ ୧୦ଟା।
- ୩ଜି ଆର୍ଟିଷ୍ଟ ଗ୍ରୁପ ପକ୍ଷରୁ ଅନ୍ତର୍ଜାତୀୟ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟ ପର୍‌ଫର୍ମାନ୍ସ ଲାବ୍ ପକ୍ଷରୁ 'ଓଡ଼ିଶା ବାଇନେଲ', କଳା ଭୂମି, ଓଡ଼ିଶା କ୍ରାଫ୍ଟସ୍ ମ୍ୟୁଜିୟମ, ପୂର୍ବାହ୍ନ ୧୧ଟା।

### ବୁଧବାର(୧।୧।୨୦୨୦)

**ଭୁବନେଶ୍ୱର**

- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ ୧୭୮, ୟୁନିଟ-୯, ସକାଳ ୯ଟା।
- ୩ଜି ଆର୍ଟିଷ୍ଟ ଗ୍ରୁପ ପକ୍ଷରୁ ଅନ୍ତର୍ଜାତୀୟ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।

### ଗୁରୁବାର(୨।୧।୨୦୨୦)

**ଭୁବନେଶ୍ୱର**

- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ ୧୭୮, ୟୁନିଟ-୯, ସକାଳ ୯ଟା।
- ପୋଲିସ କମିଶନରେଟର ରାଇଜିଂ ଦିବସ ଅବସରରେ ଆନୁଷ୍ଠାନିକ ପରେଡ, ଓଏସ୍ଏପି ୭ମ ବାଟାଲିୟନ ପଡ଼ିଆ, ପୂର୍ବାହ୍ନ ୯ଟା ୩୦।
- ୩ଜି ଆର୍ଟିଷ୍ଟ ଗ୍ରୁପ ପକ୍ଷରୁ ଅନ୍ତର୍ଜାତୀୟ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।

### ଶୁକ୍ରବାର(୩।୧।୨୦୨୦)

**ଭୁବନେଶ୍ୱର**

- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ ୧୭୮, ୟୁନିଟ-୯, ସକାଳ ୯ଟା।

### ଶନିବାର(୪।୧।୨୦୨୦)

**ଭୁବନେଶ୍ୱର**

- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ ୧୭୮, ୟୁନିଟ-୯, ସକାଳ ୯ଟା।
- ଜୟ କିରଣ ଟ୍ରଷ୍ଟ ପକ୍ଷରୁ ଜୟ କିରଣ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

ଆସୁଛି ନୂଆବର୍ଷ

# ପୁରୀ ପ୍ୟାକ୍, ହୋଟେଲରେ ମିଳୁନି ରୁମ୍




ପୁରୀ ଅଫିସ, ୨୮।୧୨

ଆସୁଛି ନୂଆବର୍ଷ। ଏଥିପାଇଁ ପର୍ଯ୍ୟଟନ ସହର ପୁରୀରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ସହରର ବିଭିନ୍ନ ହୋଟେଲ, ଲଜିଂ, ମଠ, ଧର୍ମଶାଳା ପ୍ୟାକ୍ ହୋଇଗଲାଣି। ଏବେ ଆଉ ପ୍ରାୟତଃ କେଉଁଠି ରୁମ୍ ମିଳୁନାହିଁ। ସରକାରୀ ଗେଷ୍ଟ ହାଉସ୍‌ରେ ବି ସମାନ ଅବସ୍ଥା। ବଡ଼ ବଡ଼ ହୋଟେଲଗୁଡ଼ିକରେ ମାସେ ଦୁଇମାସ ଆଗରୁ ରୁମ୍ ବୁକ୍ ସରିଛି। ଏବେ ଯେଉଁ କେତୋଟି ଛୋଟ ହୋଟେଲରେ କିଛି ବି ରୁମ୍ ରହିଛି ସେଥିପାଇଁ ଅଧିକ ଭଡ଼ା ଦେବାକୁ ପର୍ଯ୍ୟଟକଙ୍କୁ କୁହାଯାଉଥିବା ଅଭିଯୋଗ ଶୁଣିବାକୁ ମିଳୁଛି।

ନୂଆବର୍ଷର ପ୍ରଥମ ସୂର୍ଯ୍ୟ ଦର୍ଶନ ସାଙ୍ଗକୁ ମହାପ୍ରଭୁଙ୍କ ନିକଟରେ ଶୁଭକାମନା ଲାଗି ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ବିଶେଷକରି ବଡ଼ଦିନ ପୂର୍ବରୁ ପୁରୀକୁ ଆସି ନୂଆବର୍ଷ କଟାଇ ଅନେକେ ଫେରିଥାନ୍ତି। ପୂର୍ବରୁ ଯେଉଁମାନେ ହୋଟେଲ, ଲଜ୍ ପ୍ରଭୃତି ବୁକ୍ କରିଛନ୍ତି ସେମାନଙ୍କ ପାଇଁ କିଛି ଅସୁବିଧା ନାହିଁ। କିନ୍ତୁ ଏବେ ଯେଉଁମାନେ ଆସିବାକୁ ଚାହୁଁଛନ୍ତି ବା ଆସୁଛନ୍ତି ସେମାନଙ୍କୁ ରୁମ୍ ମିଳୁନାହିଁ। ପର୍ଯ୍ୟଟନ ବିଭାଗ ତଥ୍ୟ ଅନୁଯାୟୀ, ପୁରୀ ସହରରେ ପ୍ରାୟ ୫୦୦ ହୋଟେଲ ଓ ଲଜିଂ ରହିଛି। ଏଥିରେ ପ୍ରାୟ ୩୫ ହଜାର ଲୋକ ରହିପାରିବେ। କିନ୍ତୁ ସହରର ହୋଟେଲ, ଲଜିଂ, ଧର୍ମଶାଳା, ମଠ, ହଲିଡେ ହୋମ୍ ଆଦି ମିଶିଲେ ୧୦୦୦ରୁ ଅଧିକ ହେବ। ଏଥିମଧ୍ୟରୁ ବଡ ହୋଟେଲଗୁଡ଼ିକରେ ରୁମ୍ ବୁକ୍ ପାଇଁ ଅନ୍‌ଲାଇନ ବ୍ୟବସ୍ଥା ରହିଥିବାବେଳେ କିଛି ହୋଟେଲ ଏବଂ ଲଜିଂରେ ସ୍ପଟ୍ ବୁକିଂ ସୁବିଧା ରହିଛି। ତେବେ ନୂଆବର୍ଷ ପାଇଁ ପ୍ରାୟତଃ ସବୁ ହୋଟେଲ, ଲଜିଂରେ ରୁମ୍ ବୁକିଂ ସରିଛି। ଏବେ ପର୍ଯ୍ୟଟକ ଦୁଇଗୁଣା ଦର ଦେବାକୁ ରାଜି ଥିଲେ ବି ରୁମ୍ ମିଳୁନାହିଁ। କେବଳ ପୁରୀର ହୋଟେଲ, ଲଜିଂ, ହଲିଡେ ହୋମ୍ ନୁହେଁ ଇକୋ ରିଟ୍ରିଟ୍‌ରେ ମଧ୍ୟ ଟେଣ୍ଟ ବୁକିଂ ସରିଥିବା ଜଣାପଡ଼ିଛି। ମଠ, ଧର୍ମଶାଳାରେ ବି ଶ୍ରଦ୍ଧାଳୁଙ୍କ ଭିଡ଼ ହେଲାଣି। ଫଳରେ ରୁମ୍ ଆଶାୟୀଙ୍କ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ବଡ଼ବଡ଼ିଆଙ୍କୁ ନେଇ ପ୍ରଶାସନ ଚିନ୍ତାରେ ରହିଛି। ରାଜ୍ୟ ଓ ରାଜ୍ୟ ବାହାର ବହୁ ଭିଆଇପି ଏବଂ ଭିଭିଆଇପି ପୁରୀମୁହାଁ ହୋଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ମଧ୍ୟ ପୁରୀକୁ ଆସୁଥିବା ଜଣାପଡ଼ିଛି। ତେଣୁ ସରକାରୀ ବଙ୍ଗଳାଗୁଡ଼ିକରେ ଜାଗା ନାହିଁ। ବିଭାଗୀୟ ଅଧିକାରୀମାନେ ଏଠାରେ ଆସି ରହିବା ଆରମ୍ଭ କରିଦେଲେଣି। ପର୍ଯ୍ୟଟନ ବିଭାଗର ପାନ୍ଥନିବାସରେ କୌଣସି ରୁମ୍ ଖାଲି ନାହିଁ। ସ୍ୱତନ୍ତ୍ର ସର୍କିଟ ହାଉସ ରୁମ୍‌ଗୁଡ଼ିକ ମନ୍ତ୍ରୀ, ବିଧାୟକ, ବିଚାରପତି ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଦିଆଯାଇଥିବା ଜଣାପଡ଼ିଛି। ବର୍ତ୍ତମାନ ଭକ୍ତ, ପର୍ଯ୍ୟଟକଙ୍କୁ ନେଇ ପୁରୀ ସହର ପ୍ୟାକ୍ ହୋଇଯାଇଥିବା ବେଳେ ରହଣି ବ୍ୟବସ୍ଥାକୁ ନେଇ ସମସ୍ତେ ଚିନ୍ତିତ।

ଏ ସମ୍ପର୍କରେ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ବର୍ତ୍ତମାନ ପ୍ରାୟତଃ ସବୁ ହୋଟେଲ, ଲଜିଂ ପ୍ୟାକ୍ ହୋଇଯାଇଛି। କୌଣସି ହୋଟେଲରେ ରୁମ୍ ନାହିଁ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଲାଗିରହିବ। ତେଣୁ ନୂଆବର୍ଷ ପାଇଁ ପୁରୀକୁ ଆସୁଥିବା ବା ଆସିବାକୁ ଚାହୁଁଥିବା ପର୍ଯ୍ୟଟକମାନେ କୋଣାର୍କ, ସାତପଡ଼ା ପ୍ରଭୃତି ପାଖାପାଖି ସ୍ଥାନରେ ରହିପାରିବେ। ସେଠାରୁ ପୁରୀ ଆସି ବୁଲାବୁଲି କରି ପୁଣି କମ୍ ସମୟରେ ଫେରିପାରିବେ। ସେହିପରି ପର୍ଯ୍ୟଟକମାନେ ଯେପରି କୌଣସି ସ୍ଥାନରେ ଠକାମିର ଶିକାର ନ ହୁଅନ୍ତି ତା' ଉପରେ ପ୍ରଶାସନ ସମ୍ପୂର୍ଣ୍ଣ ନଜର ରଖିଛି। ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ସାତପଡ଼ାରେ ଟୁରିଷ୍ଟ ବୋଟଗୁଡ଼ିକର ଯାଞ୍ଚ କରାଯାଇଛି। ସେହିପରି ରବିବାର ମଧ୍ୟ ଯାଞ୍ଚ ହେବ। ପର୍ଯ୍ୟଟକମାନଙ୍କଠାରୁ ଯେପରି କୌଣସି ଡଙ୍ଗା ମାଲିକ ଅଧିକ ଟଙ୍କା ନ ନିଅନ୍ତି ସେଥିପ୍ରତି କଡ଼ା ନଜର ରଖାଯାଇଛି।

## ୨୧ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୧୨ (ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ପୋଲିସ ପଣ୍ଡାପାର୍କ ବସ୍ତିରେ ଚଢାଉ କରି ୨୧ କେଜି ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ବସ୍ତିରେ ରହୁଥିବା ଅନିଲ କୁମାର ପଣ୍ଡା। ସୂଚନା ମୁତାବକ, ଅଭିଯୁକ୍ତ ଅନିଲ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବେଆଇନ ଗଞ୍ଜେଇ କାରବାର କରୁଥିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ପୂର୍ବରୁ ପୋଲିସ ଥରେ ଚଢଉ କରି ଖାଲି ହାତରେ ଫେରିଥିଲା। ପୁଣି ଶୁକ୍ରବାର ଅପରାହ୍ନ ୨ଟାରେ ପୋଲିସ ଅନିଲଙ୍କ ପଣ୍ଡପାର୍କସ୍ଥିତ ଘରେ ଚଢଉ କରିଥିଲା। ସେଠାରୁ ୨୧ କେଜି ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ୫୨୪/୧୯ରେ ଏକ ମାମଲା ରୁଜୁ କରି ପଚରାଉଚରା ପରେ ତାଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ-୨୦୧୯

# ନୃତ୍ୟରେ ତିନିଯୁଗର ନାରୀ





ମଧୁରମ୍ ଟ୍ରଷ୍ଟର କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ-୨୦୧୯ର ଶନିବାର ଥିଲା ତୃତୀୟ ଦିବସ। ମୈତ୍ରୀ ମାହେଶ୍ୱରୀଙ୍କ ଅଭିନୀତ ଓଡ଼ିଶୀ ନୃତ୍ୟ 'ଶ୍ୟାମ ନାଗର ହେ ଶୃଙ୍ଖଳା ସୁହାଗ ଲଗାନା' ମୁଖ୍ୟଆକର୍ଷଣ ସାଜିଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ କେରଳ ଅର୍ଥମନ୍ତ୍ରୀ ଡ.ଥୋମାସ ଆଇଜାକ, ଗୁରୁ ସୁଧାକର ସାହୁ, ଗୁରୁ ଦୁର୍ଗା ଚରଣ ରଣବୀର, ଭୁବନେଶ୍ୱର ମ୍ୟୁଜିକ ସର୍କଲ ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ, ଚିନ୍ତା ଓ ଚେତନା ମହାସଚିବ ସୁର ଦାସ, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ସଙ୍ଗୀତା ଗୋସାଇଁ ପ୍ରମୁଖ ଯୋଗଦେଇଥିଲେ। ଭୁବନେଶ୍ୱରର ମଧୁରମ ଟ୍ରଷ୍ଟର କଳାକାରଙ୍କ ଦଳଗତ ନୃତ୍ୟ ଦର୍ଶକଙ୍କୁ ଅଭିଭୂତ କରିଥିଲା। ମଧୁସ୍ମିତା ସ୍ୱାଇଁ ଓ ସାଥୀମାନେ ନାରୀର ଦ୍ୱାପର, ତ୍ରେତୟା ଓ କଳିଯୁଗ ବ୍ୟାଖ୍ୟା କରିଥିଲେ। ଏହା ପରେ ସୁନ୍ଦରଗଡ଼ର ପ୍ରିୟା କୁମାର, ବାଙ୍ଗାଲୋରର ଚଇଥରା ଦାସେଗଉଡ଼ା, ଆମେରିକାର ପମ୍ପି ମୁଖର୍ଜୀ, ଭୁବନେଶ୍ୱର ଜି. ନାଗେଶ୍ୱରୀ, ମାଲେସିଆର ଲରେନ୍ସ, ଇସ୍ରାଏଲର ନଓମି ଇନା ପ୍ରମୁଖ ଏକକ ନୃତ୍ୟ ପରିବେଶଣ କରିଥିଲେ। ଭୁବନେଶ୍ୱରର କିସ ଓ ନମାମୀ ଅନୁଷ୍ଠାନର କଳାକାରମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ନୟାଗଡ଼ର ଲୀମା ଦାସଙ୍କ ଦୁର୍ଗାତାଣ୍ଡବ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ସଂଘମିତ୍ରା ସିଂହ ମୁଦୁଲିଙ୍କ ଅଭିନୟ 'ଚାହିଁଛି ମାତ୍ର ଶିଖଣ୍ଡ ଲୋ ସଖୀ ମୁଁ ବେଶ୍ ମନଛୁଆଁ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ମୋନାଲିସା



ସାଗର



ନିମେଶ



ଅବିନାଶ



ଦିଲୀପ



ସୟଦ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ଯାଞ୍ଚ ପାଇଁ ଯାଇଥିବା ଜିଏସ୍‌ଟି ଟିମ୍‌କୁ ଆକ୍ରମଣ

### ଜେଲ୍ ଗଲେ ୬ ସିକ୍ୟୁରିଟି ଗାର୍ଡ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସୁଇଟ୍ ପ୍ୟାକେଜ କମ୍ପାନୀକୁ ଯାଞ୍ଚ ପାଇଁ ଯାଇଥିବା ଜିଏସ୍‌ଟି ଟିମ୍ ଉପରେ ଶନିବାର ଆକ୍ରମଣ ହୋଇଛି। ଦୁର୍ବ୍ୟବହାର କରାଯିବା ସହ ମାଡ଼ ମରାଯାଇଛି। ଏନେଇ ଅଭିଯୋଗ ହେବା ପରେ ଉକ୍ତ କମ୍ପାନୀର ୬ଜଣ ସୁକ୍ୟୁରିଟି ଗାର୍ଡଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଉକ୍ତ କମ୍ପାନୀର ସୁରକ୍ଷା କର୍ମଚାରୀ ପ୍ରକାଶ କୁମାର ପାଢୀ, ପ୍ରଶାନ୍ତ ମହାନ୍ତି, ବନମାଳୀ ସାହୁ, କାର୍ତ୍ତିକ ପଣ୍ଡା, ସଞ୍ଜୟ କୁମାର ସାହୁ ଓ ଯଶୋବନ୍ତ ନାୟକ।

ଅଭିଯୋଗ ମୁତାବକ, ଜିଏସ୍‌ଟି ବିଭାଗର ୫ଜଣିଆ ଟିମ୍ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୨ରେ ଉକ୍ତ ସୁଇଟ ପ୍ୟାକେଜ କମ୍ପାନୀକୁ ଯାଞ୍ଚ କରିବାକୁ ଯାଇଥିଲେ। ଅଧିକାରୀମାନେ ପରିଚୟ ଦେଇ ଭିତରକୁ ପ୍ରବେଶ କରୁଥିବାବେଳେ ସୁରକ୍ଷା କର୍ମୀମାନେ ତାଙ୍କୁ ଭିତରକୁ ଯିବାକୁ ଦେଇ ନ ଥିଲେ। ଏଥିସହ ସେମାନଙ୍କୁ ଗାଳିଗୁଲଜ କରିବା ସହ ଏକାଠି ହୋଇ ଠେଲାପେଲା କରି ଓ ଧକ୍କା ମାରି ବାହାରକୁ ନେବାକୁ ଉଦ୍ୟମ କରିଥିଲେ। କେତେଜଣ ଅଧିକାରୀଙ୍କୁ ମାଡ଼ ମଧ ମାରିଥିଲେ। ଏ ନେଇ ଜିଏସ୍‌ଟି ଅଧିକାରୀ କହ୍ନେୟା କୁମାର ଓସ୍ୱାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬୨୫/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରାତିରେ ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପଚରା ଉଚରା ପରେ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।



ଭଗବାନ ଆମ ଅନ୍ତରରେ ପ୍ରଜ୍ଞା ଓ ବିବେକ ରୂପେ ବିରାଜିତ ରହିଛନ୍ତି। ଏହା ସହଜରେ ମନୁଷ୍ୟ ବୁଝିପାରେ ନାହିଁ।

- ଫ୍ରାଙ୍କଲିନ୍

## ସଂକ୍ଷେପରେ

### ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ୨ ଘଣ୍ଟା ବିଳମ୍ବରେ ଯାତ୍ରା କଲା ଟ୍ରେନ୍

**ଜଟଣୀ,୨୮।୧୨(ଡି.ଏନ୍.ଏ.):** ଖୋର୍ଦ୍ଧାରୋଡରୁ ନୟାଗଡ଼ ଅଭିମୁଖେ ଯାଉଥିବା ଏକ ପାସେଞ୍ଜର ଟ୍ରେନ୍‌ର ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ୨ ଘଣ୍ଟା ବିଳମ୍ବରେ ଯାତ୍ରା କରିଥିଲା। ସୂଚନା ଅନୁଯାୟୀ, ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥରେ ଶନିବାର ସକାଳ ପ୍ରାୟ ୮ଟା ୨୦ରେ ଖୋର୍ଦ୍ଧାରୋଡ ଷ୍ଟେଶନରୁ ଏକ ପାସେଞ୍ଜର ଟ୍ରେନ୍ ଛାଡ଼ି ୪ କିଲୋମିଟର ଯିବା ପରେ ଅରଗୁଳ ନିକଟରେ ଟ୍ରେନ୍ ଇଞ୍ଜିନରେ ତ୍ରୁଟି ଦେଖାଦେଇଥିଲା। ଫଳରେ ଆଉ ଏକ ଇଞ୍ଜିନ ଆସି ସଂଯୋଗ ହେବା ପରେ ଗନ୍ତବ୍ୟସ୍ଥଳକୁ ଟ୍ରେନ୍ ଯାତ୍ରା କରିଥିଲା।

### ବ୍ୟାଙ୍କ ମ୍ୟାନେଜରଙ୍କୁ ମାଡ଼: ୩ ଗିରଫ

**କଣ୍ଟାପଡ଼ା,୨୮।୧୨(ଡି.ଏନ୍.ଏ.):** ଅଡ଼ଶପୁରସ୍ଥିତ କାନାରା ବ୍ୟାଙ୍କ ଶାଖା ମ୍ୟାନେଜରଙ୍କୁ ଗାଳିଗୁଲଜ ସହ ମାଡ଼ ମାରିବା ଅଭିଯୋଗରେ ଓଲଟପୁର ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଅଡ଼ଶପୁର ଗ୍ରାମର ସ୍ମୃତିରଞ୍ଜନ ସାହୁ ଓରଫ ରମଣ, କଟକ ସଦର ଥାନା ଅନ୍ତର୍ଗତ ଗବିଲ ଗ୍ରାମର ସନାତନ ଭୋଇ ଓରଫ ସନା ଓ ରାଏପୁର ଗ୍ରାମର ଜିତନ ମହାନ୍ତି ଓରଫ ଜିତୁ। ସୂଚନା ଅନୁଯାୟୀ, ଗତ ୨୭ ତାରିଖ ଅପରାହ୍ନ ପ୍ରାୟ ୩ଟାରେ ସନାତନ ଓ ଜିତନ ବ୍ୟାଙ୍କରୁ ପଇସା ଉଠାଇବା ନେଇ ବିଳମ୍ବ ହେବାରୁ ପାଟିତୁଣ୍ଡ କରିଥିଲେ। ବ୍ୟାଙ୍କ ମ୍ୟାନେଜର ଅରୁଣ କୁମାର ଖଡ଼କା ସେମାନଙ୍କୁ ଅପେକ୍ଷା କରିବା ପାଇଁ କହିଥିଲେ। ମାତ୍ର ଅଭିଯୁକ୍ତଦ୍ୱୟ ଅପେକ୍ଷା ନ କରି ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ଟୋକନ ନେଇ ସେଠାରୁ ପଳାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ଅନ୍ୟତମ ଅଭିଯୁକ୍ତ ରମଣଙ୍କୁ ସାଙ୍ଗରେ ଆଣି ବ୍ୟାଙ୍କ ଭିତରେ ପାଟିତୁଣ୍ଡ କରିବା ସହ ପରିଚାଳକଙ୍କୁ ଗାଳିଗୁଲଜ ଓ ମାଡ଼ ମାରିଥିଲେ। ଏ ନେଇ ଅରୁଣଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୦୪/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଶନିବାର ଅଡଶପୁରରୁ ଗିରଫ କରିଥିଲା।

### ଏସିଆନ ସିଂହ ପିଛାନର ମୃତ୍ୟୁ

**ବାରଙ୍ଗ,୨୮।୧୨(ଡି.ଏନ.ଏ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ମଧ୍ୟାହ୍ନରେ ସିଂହ ସଫାରିରେ ରହୁଥିବା ଏସିଆନ ଅଣ୍ଡିରାସିଂହ ପିଛାନର ମୃତ୍ୟୁ ଘଟିଛି। ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ କାରଣରୁ ଖାଇବାପିଇବା ଠିକଭାବେ କରୁ ନ ଥିବାରୁ ରୁଗ୍ଣ ହୋଇଯାଉଥିଲା। ଏହି କାରଣରୁ ନନ୍ଦନକାନନର ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଥିଲେ ମଧ ପିଛାନ ବଞ୍ଚିପାରି ନ ଥିଲା। ପିଛାନର ମୃତ୍ୟୁପରେ ଏହି ସିଂହ ସଂଖ୍ୟା ହ୍ରାସ ପାଇ ୧୧ରେ ପହଞ୍ଚିଛି। ସେଥିମଧ୍ୟରେ ୮ହାଇବ୍ରିଡ, ୧ଏସିୟ, ୨ ଆଫ୍ରିକୀୟ ଅଛନ୍ତି। ସୂଚନାଯୋଗ୍ୟ, ୨୧ବର୍ଷରେ ପଦାର୍ପଣ କରିଥିବା ପିଛାନ ଗୁଜରାଟର ସକରାବାଗ ଚିଡ଼ିଆଖାନାରୁ ୨୩ ମାର୍ଚ୍ଚ ୨୦୧୩ରେ ନନ୍ଦନକାନନକୁ ଆସିଥିଲା।

### ଡକାୟତି ଯୋଜନା: ୩ ଗିରଫ



**କଟକ ଅଫିସ, ୨୮।୧୨:** କଟକ ବିଦ୍ୟାଧରପୁରସ୍ଥିତ ଏକ ପେଟ୍ରୋଲ ପମ୍ପରୁ ଡକାୟତି କରିବାକୁ ଯୋଜନା କରୁଥିବା ୩ ଜଣ ଅଭିଯୁକ୍ତଙ୍କୁ ଚାଉଳିଆଗଞ୍ଜ ପୋଲିସ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ତଥା ଏବେ କଟକ ମହାନଦୀ ବିହାରରେ ରହୁଥିବା ରାକେଶ ମହାପାତ୍ର, ଖୋର୍ଦ୍ଧା ଜିଲା ଚନ୍ଦକା ଥାନା ଅନ୍ତର୍ଗତ କଣ୍ଟାବାଡ଼ର ବିଜୟ ମହାରଣା ଓ କଟକ ସଦର ଥାନା ଅନ୍ତର୍ଗତ କଳପଡ଼ା ଅଞ୍ଚଳର ଶୁଭ୍ରାଂଶୁ ପରିଡ଼ା। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୫ ରାଉଣ୍ଡ ଗୁଳି, ଗୋଟିଏ କଟୁରି, ଗୋଟିଏ ପକେଟ ଲଙ୍କା ଗୁଣ୍ଡ, ଗୋଟିଏ ବାଇକ୍, ଗୋଟିଏ ସ୍କୁଟି ଓ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏହି ଅଭିଯୁକ୍ତମାନଙ୍କ ନାଁରେ ରାଜ୍ୟର ବିଭିନ୍ନ ଥାନାରେ ୫୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଥିବା ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତମାନେ ନୂଆବଜାର ହାଇସ୍କୁଲ ପଡ଼ିଆରେ ଡକାୟତି ଯୋଜନା କରୁଥିଲେ। ଖବରପାଇ ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।





# ଝଲସିଲାଣି ମେଘନାଦ ପାଚେରି

**ପୁରୀ ଅଫିସ, ୨୮।୧୨**

## ପ୍ରଶାସନର ନୂଆବର୍ଷ ପ୍ରସ୍ତୁତି

- ଶେଷ ପର୍ଯ୍ୟାୟରେ ବ୍ୟାରିକେଡ କାମ
- ବ୍ୟାରିକେଡରେ ସଚେତନତାର ବାର୍ତ୍ତା

ଆଉ ୩ ଦିନ ପରେ ନୂଆବର୍ଷ। ପୁରୀରେ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ, ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ମହାପ୍ରଭୁଙ୍କ ନୀତିକାନ୍ତି, ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକରଣ, ଭକ୍ତଙ୍କ ଦର୍ଶନ ଓ ସୁବିଧା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଟ୍ରାଫିକ ବ୍ୟବସ୍ଥାକୁ ମଧ ସୁବ୍ୟବସ୍ଥିତ କରାଯାଇଛି। ନୂଆବର୍ଷରେ ଶ୍ରୀମନ୍ଦିରକୁ ଆସିବାକୁ ଥିବା ଭକ୍ତମାନେ ଯେପରି କୌଣସି ପ୍ରକାର ସମସ୍ୟାରେ ନ ପଡ଼ନ୍ତି ସେଥିପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ଅନ୍ୟପକ୍ଷରେ ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ନୂଆ ରୂପ ଦିଆଯାଉଛି। ଶନିବାର ପୂର୍ବପାର୍ଶ୍ୱ ମେଘନାଦ ପାଚେରି କଡ଼ରେ ଆଲୋକୀକରଣ କରାଯାଇଛି। ଫଳରେ ଝଲସୁଛି ମେଘନାଦ ପାଚେରି।

ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ଲାଗି ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ପାଳନ ପାଇଁ ଜିଲା ପ୍ରଶାସନ, ଶ୍ରୀମନ୍ଦିର ଏବଂ ପୋଲିସ ପ୍ରଶାସନ ସମସ୍ତେ ଲାଗିପଡ଼ିଛନ୍ତି। ନୂଆବର୍ଷରେ ଭକ୍ତଙ୍କୁ ନୂଆ ଅନୁଭୂତି ଦେବା ପାଇଁ ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ନିଆରା ଢଙ୍ଗରେ ସଜା ଯାଉଛି। ଶ୍ରୀମନ୍ଦିରର ପୂର୍ବ ପାର୍ଶ୍ୱ ଅର୍ଥାତ୍ କାକୁଡ଼ିଖାଇ ମନ୍ଦିରଠାରୁ ଲକ୍ଷ୍ମୀବଜାର କୋଣ ପର୍ଯ୍ୟନ୍ତ ମେଘନାଦ ପାଚେରି କଡ଼ରେ ବିଭିନ୍ନ ପ୍ରକାର ଗଛ କୁଣ୍ଡ ସଜାଯାଇଛି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ମେଘନାଦ ପାଚେରି କଡରେ ଲାଇଟ୍ ଖଞ୍ଜାଯାଇଛି। ଫଳରେ ରାତିରେ ଗଛ ତଳୁ ପଡୁଥିବା ଏହି ଲାଇଟ୍‌ରେ ଝଲସୁଛି ମେଘନାଦ ପାଚେରି। ସେହିପରି ନିର୍ମାଣାଧୀନ ନୂତନ ବ୍ୟାରିକେଡ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ଏହାର ଉପର ଶେଡ୍‌ରେ ରଙ୍ଗିନ କପଡ଼ା ପକାଯାଉଥିବା ଏବଂ ସିସିଟିଭି, ବକ୍ସ ଆଦି ଲଗାଯାଉଥିବାବେଳେ ବ୍ୟାରିକେଡ ଆସି ପହଞ୍ଚିଛି। ସ୍ଥାୟୀ ଜୋତା ଓ ମୋବାଇଲ ଷ୍ଟାଣ୍ଡ କାମ ଦିନେ ଦୁଇଦିନ ମଧ୍ୟରେ ପ୍ରସ୍ତୁତ ହେବାକୁ ଥିବାବେଳେ ଭକ୍ତଙ୍କ ଲାଗି ପାନୀୟଜଳ ଏବଂ ଟଏଲେଟ୍ ବ୍ୟବସ୍ଥା ହୋଇଛି। ମନ୍ଦିର ଭିତରେ ଦର୍ଶନରେ ଯେପରି କୌଣସି ପ୍ରକାର ବିଶୃଙ୍ଖଳା ନ ଉପୁଜେ ସେଥିପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

ଯାତାୟାତ ନିମନ୍ତେ ବଡ଼ଦାଣ୍ଡରେ ଟ୍ରାଫିକ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଯାଇଛି। ନିର୍ମାଣାଧୀନ ନୂତନ ବ୍ୟାରିକେଡ ପ୍ରବେଶ ପଥରେ ଯଥା ସମ୍ଭବ ଗହଳି କମାଇବା ପାଇଁ ଭିଆଇପି ଗାଡ଼ି ଉପରେ କଟକଣା ଲଗାଯାଇଛି। ଟାଉନ ଥାନାଠାରୁ ନୂତନ ବ୍ୟାରିକେଡ ପର୍ଯ୍ୟନ୍ତ ବଡ଼ଦାଣ୍ଡ ମଝିରେ ପାଦଚଲା କରିଡର କରାଯାଇଛି। ସେହିପରି ଭିଆଇପି ଗାଡ଼ିଗୁଡ଼ିକୁ ମରିଚିକୋଟ ଛକଠାରୁ ଆଗକୁ ଛଡ଼ାଯାଉ ନାହିଁ। ପାଦଚଲା କରିଡର ପାଇଁ ହୋଇଥିବା ବାଉଁଶ ବ୍ୟାରିକେଡରେ ଭକ୍ତଙ୍କୁ ସଚେତନ କରିବାକୁ ପୋଲିସ ପକ୍ଷରୁ ସଚେତନତା ବାର୍ତ୍ତା ଥିବା ବ୍ୟାନର ଲଗାଯାଇଛି। ଏଥିରେ ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ଉଚ୍ଚ ଶବ୍ଦରେ ଗାଡ଼ି ହର୍ନ ବଜାନ୍ତୁ ନାହିଁ, ବଡ଼ଦାଣ୍ଡରେ ଚାଲି ଚାଲି ଜଗନ୍ନାଥଙ୍କୁ ଦର୍ଶନ କରିବା ଭାଗ୍ୟରେ ଥିଲେ ମିଳେ, ଶୃଙ୍ଖଳିତ ଭାବେ ଧାଡ଼ିରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରନ୍ତୁ ଲେଖାଯାଇଛି। ସେହିପରି ବଡ଼ଦାଣ୍ଡ ଧୂଳି ମୁଣ୍ଡରେ ବୋଳି, ଜଗା କାଳିଆର ଦର୍ଶନ କରି ମନରେ ଦିଅ ଶାନ୍ତି ଭରି ଆଦି ଆଧାତ୍ମିକତାର ବାର୍ତ୍ତା ରହିଛି।

# ଆରମ୍ଭ ହେଲା ଭୁବନେଶ୍ୱର-ସୁରଟ ବିମାନ ଟିକେଟ ବୁକିଂ





**ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)**

ଭୁବନେଶ୍ୱରରୁ ସୁରଟ ବିମାନ ଯାତ୍ରା ପାଇଁ ଏୟାର ଇଣ୍ଡିଆ ଟିକେଟ ବୁକିଂ ଆରମ୍ଭ କରିଛି। ଜାନୁୟାରୀ ୨୦ରୁ ଏହି ବିମାନ ସେବା ଆରମ୍ଭ ହେବାକୁ ଥିବା ବେଳେ ସପ୍ତାହକୁ ଦୁଇଥର ଅର୍ଥାତ୍ ସୋମବାର ଓ ଗୁରୁବାର ସୁରଟ ଯିବାକୁ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱରରୁ ସୁରଟ ଯିବା ସମୟରେ ଯାତ୍ରୀ ଭଡ଼ା ୨୦ ତାରିଖ ପାଇଁ ୪ହଜାର ୫୦୩ଟଙ୍କା ଥିବା ବେଳେ ସୁରଟରୁ ଫେରିବା ସମୟରେ ୪ହଜାର ୨୧୩ ଟଙ୍କା ରହିଛି। ଏହି ବିମାନ ଭୁବନେଶ୍ୱରରୁ ସୋମବାର ସକାଳ ୮ଟା ୪୦ରେ ଉଡ଼ାଣ କରି ସୁରଟରେ ୧୦ଟା ୪୦ରେ ପହଞ୍ଚିବ। ସେହିପରି ସୁରଟରୁ ଶୁକ୍ରବାର ଓ ରବିବାର ସକାଳ ୮ଟା ୩୦ରେ ବାହାରି ଭୁବନେଶ୍ୱରରେ ସକାଳ ୧୦ଟା ୩୦ରେ ପହଞ୍ଚିବ। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ବେଙ୍ଗାଲୁରୁ ବିମାନ ସେବା ପାଇଁ ମଧ୍ୟ ଟିକେଟ ବୁକିଂ ଆରମ୍ଭ ହୋଇଛି। ସୋମବାର ଓ ଗୁରୁବାର ଏୟାର ଇଣ୍ଡିଆ ବିମାନ ବେଙ୍ଗାଲୁରୁରୁ ସକାଳ ୬ଟା ୧୦ରେ ଉଡ଼ାଣ କରି ଭୁବନେଶ୍ୱରରେ ସକାଳ ୮.୧୦ରେ ପହଞ୍ଚିବ। ଶୁକ୍ରବାର ଓ ରବିବାର ଭୁବନେଶ୍ୱରରୁ ପୂର୍ବାହ୍ନ ୧୧ଟାରେ ବାହାରି ବେଙ୍ଗାଲୁରୁରେ ଅପରାହ୍ନ ୧ଟା ୦୫ରେ ପହଞ୍ଚିବ। ଭୁବନେଶ୍ୱରରୁ ଯାତ୍ରୀ ଭଡ଼ା ୪ହଜାର ୫୦୩ଟଙ୍କା ହୋଇଥିବା ବେଳେ ୪ହଜାର ୧୯୬ ଟଙ୍କା ରହିଛି।

## ବିନା ହେଲ୍‌ମେଟ୍‌ରେ ବାଇକ ରାଲି

# ସିସିଟିଭି ଫୁଟେଜ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ: ସିପି

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଗୁରୁବାର ବିଜେଡିର ପ୍ରତିଷ୍ଠା ଦିବସରେ କର୍ମୀମାନେ ବାଇକ ରାଲିରେ ମାଷ୍ଟରକ୍ୟାଣ୍ଟିନ ଛକରୁ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଏହି ସମୟରେ ଏକାଧିକ କର୍ମୀ ବିନା ହେଲ୍‌ମେଟ୍‌ରେ ଯାଇଥିଲେ। ଆଇନ ସମସ୍ତଙ୍କ ପାଇଁ ସମାନ, କାହିଁକି ସେମାନେ ହେଲ୍‌ମେଟ୍ ପିନ୍ଧିବେ ନାହିଁ ବୋଲି କେତେଜଣ ଟୁଇଟ୍ କରି କମିଶନରେଟ ପୋଲିସକୁ ପଚାରିଥିଲେ। ଏ ନେଇ ପୋଲିସ କମିଶନର(ସିପି) ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ, ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଯେଉଁମାନେ ନିୟମ ଉଲ୍ଲଂଘନ କରି ବିନା ହେଲ୍‌ମେଟ୍‌ରେ ବାଇକରେ ଯାଇଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାରତରେ ବିଭିନ୍ନ ରାଜନୈତିକ ଦଳର ବାଇକ ରାଲି ସମୟରେ ଏଭଳି ନିୟମ ଉଲ୍ଲଂଘନ ହେବା ଏକ ବଡ଼ ସମସ୍ୟା। ଭବିଷ୍ୟତରେ ଏହାର ମୁକାବିଲା କରିବାକୁ ବ୍ୟବସ୍ଥା କରାଯିବ ବୋଲି ଷଡ଼ଙ୍ଗୀ କହିଛନ୍ତି। ସୂଚନାଥାଉ କି, ଓମ୍‌ପ୍ରକାଶ ପଟ୍ଟନାୟକ ନାମକ ଜଣେ ଯୁବକ ଟୁଇଟ୍ କରିଥିଲେ ଯେ, ବିନା ହେଲ୍‌ମେଟ୍‌ରେ ବାଇକରେ ଦଳୀୟ ପତାକା ଲଗାଇ ଏକାଧିକ କର୍ମୀ ରାଲିରେ ଯାଉଥିବାବେଳେ ଏଜି ଛକରେ ଟ୍ରାଫିକ ପୋଲିସ ଅଟକାଇଲା ନାହିଁ। ବରଂ ସାଧାରଣ ଲୋକଙ୍କୁ ଅଟକାଇ ସେମାନଙ୍କ ଛଡ଼ାଗଲା କାହିଁକି ବୋଲି ସେ ସିପିଙ୍କୁ ପ୍ରଶ୍ନ କରିଥିଲେ।



ଅନ୍ତର୍ଜାତୀୟ ପ୍ରଦର୍ଶନୀ 'ନଳବଣ' ଉଦ୍‌ଘାଟିତ

# ୫୫ ଶିଳ୍ପୀଙ୍କ କଳାକୃତି ପ୍ରଦର୍ଶିତ

**ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)**

ତ୍ରିପୁରା, ଆସାମ ଏବଂ ଓଡ଼ିଶାର ଶିଳ୍ପୀଙ୍କୁ ନେଇ ଗଠିତ ଥ୍ରୀଜି ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଶନିବାର ଲଳିତ କଳା ଏକାଡେମୀଠାରେ ଦଶମ ଅନ୍ତର୍ଜାତୀୟ ପ୍ରଦର୍ଶନୀ 'ନଳବଣ' ଉଦ୍‌ଘାଟିତ ହୋଇଯାଇଛି। ପ୍ରଦର୍ଶନୀରେ ଭ୍ରମ ସୃଷ୍ଟି କରିଥିଲା ଚିଲିକାର ନଳବଣ। ଶୀତର ଆଗମନରେ ଯେପରି ବିଦେଶାଗତ ପକ୍ଷୀ ନଳବଣ ଆସିଥାନ୍ତି, ଠିକ୍ ସେହିପରି ଦେଶ ବିଦେଶରୁ ଅନେକ ଶିଳ୍ପୀ ଆସି ଏକାଠି ହୋଇ ଏହି ପ୍ରଦର୍ଶନୀ କରିଛନ୍ତି। ତେଣୁ ଏହି ପ୍ରଦର୍ଶନୀର ନାମକରଣ ଏହିପରି ରହିଛି ବୋଲି ଥ୍ରୀଜି ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ କୁହାଯାଇଛି।

ପ୍ରଦର୍ଶନୀରେ ତ୍ରିପୁରା, ଆସାମ, ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ନାଗପୁର, କଲିକତା, ମହାରାଷ୍ଟ୍ର, ବାଂଲାଦେଶ, ଶ୍ରୀଲଙ୍କା, ଫ୍ରାନ୍ସ, ଇଂଲଣ୍ଡ ଓ ନେପାଳର ୫୫ଜଣ ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ୧୦୦ରୁ ଊର୍ଦ୍ଧ୍ୱ ଫଟୋ ଓ କଳାକୃତି ପ୍ରଦର୍ଶିତ ହୋଇଛି। ବର୍ଷରେ ୨ଥର ଏହି କଳା ପ୍ରଦର୍ଶନୀ ଅନୁଷ୍ଠିତ ହେଉଥିବାବେଳେ ଚଳିତବର୍ଷ ଗୋଟିଏଥର ହୋଇଥିବା ଗ୍ରୁପ୍‌ର ଆବାହକ ସୌମ୍ୟରଞ୍ଜନ ନାୟକ କହିଛନ୍ତି। ସନ୍ଧ୍ୟାରେ ଏହି ପ୍ରଦର୍ଶନୀକୁ ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ପୂର୍ବାହ୍ନ ୧୧ଟାରୁ ରାତି ୭ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ।



## ୧୩ତମ ଆଇଏସ୍‌ଡିଏସ୍‌ଆଇ ସମ୍ମିଳନୀ

# 'ଡିଜିଟାଲର ପରବର୍ତ୍ତୀ ଯୁଗରେ ତିଷ୍ଠି ରହିବାକୁ ପୁନଃ ଆବିଷ୍କାର ଆବଶ୍ୟକ'

**ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)**

ସାରା ଦୁନିଆ ଏବେ ଡିଜିଟାଲ୍‌ରୁ ଡିଜିଟାଲ୍ ପରବର୍ତ୍ତୀ ଯୁଗ ଆଡ଼କୁ ଗତି କରୁଛି। ଆଧୁନିକ ଓ ଅଭିନବ ପ୍ରଯୁକ୍ତି ଆମର ପରୀକ୍ଷା ନେବ। ଆମ ପାଇଁ ନୂଆ ଓ ଜଟିଳ ଆହ୍ୱାନ ସୃଷ୍ଟି କରିବ। ପ୍ରଯୁକ୍ତିର ଅଭ୍ୟୁଦୟ ସହିତ ସେହି ଯୁଗରେ ତିଷ୍ଠି ରହିବା ଲାଗି ଆମକୁ ଏବେ ପୁନଃ ଆବିଷ୍କାର କରିବାକୁ ହେବ। ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ସମ୍ବଲପୁର ପକ୍ଷରୁ ଭୁବନେଶ୍ୱରଠାରେ ଶନିବାର ଆରମ୍ଭ ହୋଇଥିବା ୧୩ତମ ଆଇଏସ୍‌ଡିଏସ୍‌ଆଇ ସମ୍ମିଳନୀରେ ପ୍ରଫେସର ମହାଦେଓ ଜୈସ୍‌ୱାଲ ଏହି ଆହ୍ୱାନ ଦେଇଛନ୍ତି।

ତିନିଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀର ବିଷୟ ବସ୍ତୁ ରହିଛି 'ଡିଜିଟାଲ ପରବର୍ତ୍ତୀ ଯୁଗରେ ଶିଳ୍ପ ପରିବର୍ତ୍ତନର ପରିଚାଳନା'। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ତଥା ଆଇଏସ୍‌ଡିଏସ୍‌ଆଇ ସଭାପତି ପ୍ରଫେସର ଜୈସ୍‌ୱାଲ ଯୋଗଦେଇ କହିଛନ୍ତି ଯେ, ଆଇଆଇଏମ୍ ସମ୍ବଲପୁରର ଗବେଷଣା ୩ ଡି' (ଡିଜିଟାଲାଇଜେଶନ, ଡି-କାର୍ବନାଇଜେଶନ ଓ ବ୍ୟବସାୟର ଡେମୋକ୍ରାଟାଇଜେଶନ) ଉପରେ ପର୍ଯ୍ୟବସିତ। ଏହି ସମ୍ମିଳନୀ ଶିଳ୍ପକୁ ବର୍ତ୍ତମାନ ଏବଂ ଭବିଷ୍ୟତର ବିକାଶ ଉପରେ ଅପ୍‌ଡେଟ୍ ରଖିବ ଏବଂ ଆମେ ପ୍ରବେଶ କରିବାକୁ ଯାଉଥିବା ଗୁରୁତ୍ୱପୂର୍ଣ୍ଣ ସମୟକୁ ନେଇ ସମସ୍ତ ଅଂଶୀଦାରଙ୍କୁ ପ୍ରସ୍ତୁତ କରିବାରେ ସହାୟକ ହେବ। ଡିଜିଟାଲ ପରବର୍ତ୍ତୀ ଯୁଗରେ କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ବ୍ଲକ୍ ଚେନ୍ ସିଷ୍ଟମ୍ ଓ ବିଟ୍ କଏନ୍ ମୁଦ୍ରା ଦେଖିବାକୁ ମିଳିବ। ଏସବୁ ଶିଳ୍ପ ସମେତ ପରିଚାଳନା ଏବଂ ପ୍ରଶାସନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ। ତେଣୁ ଡିଜିଟାଲ ପରବର୍ତ୍ତୀ ଯୁଗରେ ପ୍ରାସଙ୍ଗିକତା ରହିବା ପାଇଁ ବିଶ୍ୱବିଦ୍ୟାଳୟ, ମ୍ୟାନେଜ୍‌ମେଣ୍ଟ ଅନୁଷ୍ଠାନ ଏବଂ ଶିଳ୍ପକୁ ଏହି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଲାଗି ନିଜକୁ ବ୍ୟବସ୍ଥିତ କରିବାକୁ ପଡ଼ିବ ବୋଲି ପ୍ରଫେସର ଜୈସୱାଲ ଗୁରୁତ୍ୱାରୋପ କରିଛନ୍ତି। ଉଦ୍‌ଘାଟନୀ ସଭାରେ ୟୁଏସ୍‌ଏ ଡିସିଶନ ସାଇନ୍ସ ଇନଷ୍ଟିଚ୍ୟୁଟ୍‌ର ସଭାପତି ପ୍ରଫେସର ବିଜୟ ଆର. କନନ, ବିଜନ୍ସ୍ ବିଜନେସ ୱାର୍ଲଡ ଅଧ୍ୟକ୍ଷ ଓ ମୁଖ୍ୟ ସମ୍ପାଦକ ଅନୁରାଗ ବାତ୍ରା, ଆଇଆଇଏମ୍ ତ୍ରିଚିର ନିର୍ଦ୍ଦେଶକ ପ୍ରଫେସର ଭିମରାୟ ମେଟ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଭାରତ ସମେତ ଯୁକ୍ତରାଷ୍ଟ୍ର ଆମେରିକା, ଚାଇନା, ୟୁରୋପ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାର ୩୦୦ରୁ ଅଧିକ ପ୍ରଫେସର, ସ୍କଲାର୍ ଓ ଶିଳ୍ପ ପ୍ରବନ୍ଧକ ଯୋଗ ଦେଇଛନ୍ତି।





ଭୁବନେଶ୍ୱରରେ ଅନୁଷ୍ଠିତ ୧୩ତମ ଆଇଏସ୍‌ଡିଏସ୍‌ଆଇ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।

- ଭଲଟାୟର



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିରରେ ବିହାର ରାଜ୍ୟପାଳ

**ପୁରୁଣା ଭୁବନେଶ୍ୱର,୨୮।୧୨(ଡି.ଏନ.ଏ):** ବିହାରର ରାଜ୍ୟପାଳ ଫଗୁ ଚୌହାନ ଶନିବାର ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସକାଳ ୧୦ଟା ୨୦ରେ ସେ ସ୍ୱତନ୍ତ୍ର ବ୍ୟବସ୍ଥାରେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ହେଲେ ଗଛକଟା ପାଇଁ ସିଂହଦ୍ୱାର ବନ୍ଦ ରହିଥିଲା। ତେଣୁ ଉପସ୍ଥିତ ସେବାୟତମାନେ ତାଙ୍କୁ ଉତ୍ତରଦ୍ୱାର ଦେଇ ମନ୍ଦିରରେ ପ୍ରବେଶ କରାଇଥିଲେ। ପରିସରରେ ଥିବା ଗଣେଶ, ପାର୍ବତୀ, ମା'ଭୁବନେଶ୍ୱରୀ ଆଦି ପାର୍ଶ୍ୱଦେବଦେବୀ ମନ୍ଦିର ପରିଦର୍ଶନ କରିବା ସହ ପ୍ରାଚୀନ କଳାକୃତି ଭରା ଏହି ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ ଜରୁରୀ ବୋଲି ସେ କହିଥିଲେ। ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ରଙ୍କ ସହ ଅନ୍ୟ ସେବାୟତମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ବିଏମ୍‌ସି ଲୋକ ସମ୍ପର୍କ ଅଧିକାରୀ ପିତାଙ୍କ ପରଲୋକ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଲୋକ ସମ୍ପର୍କ ଅଧିକାରୀ ନୀହାର ପାତ୍ରଙ୍କ ପିତା ବଂଶୀଧର ପାତ୍ରଙ୍କ ୮୪ ବର୍ଷରେ ପରଲୋକ ହୋଇଛି। ସେ



ଚିତ୍ରକର ଭାବେ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ବିଶେଷ ଭାବେ ସେ ୱାଟର ଓ ଅଏଲ ପେଣ୍ଟିଂ କରୁଥିଲେ। ନିଜ ଅଞ୍ଚଳରେ ସେ ବହୁ ଭଲ କାର୍ଯ୍ୟ କରିଥିବାବେଳେ ତାଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

### ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

**ପୁରୁଣା ଭୁବନେଶ୍ୱର,୨୮।୧୨(ଡି.ଏନ.ଏ):** ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ସ୍ଥାନୀୟ ରେଡ୍‌କ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୁଜ୍ଞାନ ଚୌଧୁରୀ, ଉପ-ସଭାପତି ଆଶୁତୋଷ ରଥ, ସାଧାରଣ ସମ୍ପାଦକ ହୃଷୀକେଶ ମହାନ୍ତି, ଯୁଗ୍ମ ସମ୍ପାଦକ ପବିତ୍ର କୁମାର ପାତ୍ର ଏବଂ କୋଷାଧକ୍ଷ ଶ୍ୟାମସୁନ୍ଦର ରାଉତ ନିର୍ବାଚିତ ହୋଇଥିଲେ। ସେହିଭଳି କେନ୍ଦ୍ରାଞ୍ଚଳ ସମ୍ପାଦକ ଭାବେ ଲଳିତ କୁମାର ଦାସ ଏବଂ ଉତ୍ତର ଓଡ଼ିଶା ସମ୍ପାଦକ ଭାବେ ଚୈତନ୍ୟ ପ୍ରସାଦ ଦାସ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ସମଗ୍ର ରାଜ୍ୟରୁ ୨୫ଜଣ କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ପଟ୍ଟନାୟକ ନିର୍ବାଚନ ସଂଯୋଜନା କରିଥିଲେ।

### ସିଏଏ ନ ହଟିଲେ ସମ୍ବିଧାନର ସମାନତା ଅଧିକାର କ୍ଷୁଣ୍ଣ ହେବ

**ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ):** କେନ୍ଦ୍ରର ଭାଜପା ସରକାର ନାଗରିକତା ସଂଶୋଧନ ଆଇନ(ସିଏଏ) ଲାଗୁ କରିବା ସହ ସମଗ୍ର ଦେଶରେ ନାଗରିକ ପଞ୍ଜିକରଣ (ଏନ୍‌ଆରସି) ଏବଂ ଜାତୀୟ ଜନସଂଖ୍ୟା ରେଜିଷ୍ଟ୍ରାର (ଏନ୍‌ପିଆର) ପ୍ରସ୍ତୁତି ପାଇଁ ଘୋଷଣା କରିଛନ୍ତି। ସମ୍ବିଧାନ ବିରୋଧୀ ସିଏଏ ଲାଗୁ କରି ଭାଜପା ତା'ର ସାମ୍ପ୍ରଦାୟିକତାବାଦୀ, ହିନ୍ଦୁତ୍ୱବାଦୀ ଏଜେଣ୍ଡାକୁ କାର୍ଯ୍ୟକାରୀ କରୁଛି ବୋଲି ସିପିଆଇ, ସିପିଆଇ (ଏମ୍), ସିପିଆଇ (ଏମ୍‌ଏଲ) ଲିବେରେଶନ ଏବଂ ଫରୱାର୍ଡ଼ ବ୍ଲକ ପକ୍ଷରୁ ପ୍ରକାଶ ପାଇଛି। ଶନିବାର ଭୁବନେଶ୍ୱରରେ ହୋଇଥିବା ଏକ ମିଳିତ ବୈଠକରେ ତୁରନ୍ତ ସିଏଏକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଦେଶର ଘୋର ଆର୍ଥିକ ମାନ୍ଦାବସ୍ଥା, ଅହେତୁକ ଦର ବୃଦ୍ଧି, ବେକାରି, ଆର୍ଥିକ ଅସମାନତା ବୃଦ୍ଧି ଯୋଗୁ ଲୋକଙ୍କ ଦୈନନ୍ଦିନ ଜୀବନ ସନ୍ତୁଳିତ ହେଉଛି। ଏଭଳି ସ୍ଥିତି ବିରୋଧରେ ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ଫେଡ଼େରେଶନ ପକ୍ଷରୁ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ଗ୍ରାମୀଣ ହରତାଳ ପାଇଁ ଦେଇଥିବା ଡାକରାକୁ ଓଡ଼ିଶାରେ ବାମପନ୍ଥୀମାନେ ପୂର୍ଣ୍ଣ ସମର୍ଥନ କରିଛି। ବୈଠକରେ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ ସମ୍ପାଦକ ଅଲିକିଶୋର ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ଦୁଷ୍ମନ୍ତ ଦାସ, ସୁରେଶ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଏବଂ ରାମକୃଷ୍ଣ ପଣ୍ଡା, ସିପିଆଇ (ଏମ୍‌ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଓ ମହେନ୍ଦ୍ର ପରିଡ଼ା ଏବଂ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଯୋଗ ଦେଇଥିଲେ।

# ଶ୍ରୀଲିଙ୍ଗରାଜ ମନ୍ଦିର ପୂର୍ବପାର୍ଶ୍ୱ ଉଚ୍ଛେଦ ଜାରି

**ପୁରୁଣା ଭୁବନେଶ୍ୱର,୨୮।୧୨(ଡି.ଏନ.ଏ)**

ଶ୍ରୀଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଉଚ୍ଛେଦ ପ୍ରକ୍ରିୟା ସୁରୁଖୁରୁରେ ଜାରି ରହିଛି। ଶୁକ୍ରବାର ବ୍ୟାଖ୍ୟାନ କେନ୍ଦ୍ର ଉଚ୍ଛେଦ ଶେଷ ହୋଇଥିବାବେଳେ ଶନିବାର ମନ୍ଦିରର ପୂର୍ବଦିଗରୁ ଉଚ୍ଛେଦ କାର୍ଯ୍ୟ ଚାଲିଛି। ଅନ୍ୟପଟେ ମନ୍ଦିର ସମ୍ମୁଖ ଦେବୀପାଦହରା ନିକଟ ସରକାରୀ ଓ ବେସରକାରୀ ନିର୍ମାଣ ଉଚ୍ଛେଦ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେବଳ ଭଜନ ମଣ୍ଡପ ଉଚ୍ଛେଦ କରାଗଲେ ଦେବୀପାଦହରା ଚତୁଃପାର୍ଶ୍ୱ ଉଚ୍ଛେଦ ସମ୍ପୂର୍ଣ୍ଣ ହେବ। ସେହିପରି ଦକ୍ଷିଣ ପୂର୍ବ ଦିଗ ମହାକାଳୀ ମନ୍ଦିର ନିକଟରୁ ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ସମେତ କେତେକ ଘରୋଇ ବ୍ୟବସାୟ ପ୍ରତିଷ୍ଠାନ ଓ ଘର ଭଙ୍ଗାଯିବାର ଯୋଜନା ମିଳିତ ଉଚ୍ଛେଦ ଟିମ୍ ପ୍ରସ୍ତୁତ କରିଛନ୍ତି। ପୁରୁଣା ଭୁବନେଶ୍ୱର ସାପ୍ତାହିକ ହାଟ ପଛପଟ ସରକାରୀ ଓ ଦେବୋତ୍ତର ଜମି ସହ କେତେକ ସରକାରୀ କ୍ୱାଟର ଅବୈଧ ନିର୍ମାଣ ହଟାଯାଇ ବୃହତ ପାର୍କିଂ ପରିସର ନିର୍ମାଣ କରାଯିବା ଯୋଜନା ହୋଇଛି। ଗୋଟିଏ ପଟେ ଉଚ୍ଛେଦ ପ୍ରକ୍ରିୟାକୁ ଜନସାଧାରଣ ସହମତି ପ୍ରକାଶ କରୁଥିବାବେଳେ ଅନ୍ୟପଟେ ରାଜ୍ୟ ସରକାର ଶ୍ରୀଲିଙ୍ଗରାଜ ମନ୍ଦିରର ବିକାଶ ନିମନ୍ତେ ୫କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି।



ଲିଙ୍ଗରାଜ ମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ଥିବା ବରଗଛ କଟାଯାଉଛି।

**ସିଂହଦ୍ୱାର ନିକଟ ବରଗଛକୁ କଟାଗଲା**

ପୂର୍ବ ଦିଗର ମନ୍ଦିର ସିଂହଦ୍ୱାରଠାରେ ଥିବା ବରଗଛଟିକୁ ଶନିବାର ଉଚ୍ଛେଦରେ ଡାଳଗୁଡ଼ିକୁ କଟାଯାଇଛି। ଉଚ୍ଛେଦ ଟିମ୍‌ର ନିର୍ଦ୍ଦେଶକ୍ରମେ ଓଡ଼ିଶା ଫରେଷ୍ଟ ଡେଭଲେପମେଣ୍ଟ କର୍ପୋରେଶନର ଫିଲ୍ଡ ଆସିସଷ୍ଟାଣ୍ଟ ମହେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ୧୫ଜଣିଆ କର୍ମଚାରୀ ଏହି ଗଛକଟାରେ ନିୟୋଜିତ ଥିଲେ। ଗଛଟି ବହୁ ପୁରୁଣାକାଳରୁ ହୋଇଥିବାରୁ ଅନେକ ପକ୍ଷୀ ବାସ କରୁଥିବାବେଳେ ପଥିକ, ପର୍ଯ୍ୟଟକମାନେ ଛାଇରେ ରହୁଥିଲେ। ତେବେ ଏହି ବିରାଟ ଗଛକୁ ନ କାଟି ଆଧୁନିକ ଉପାୟରେ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ପରିବେଶବିତ ଦାବି କରୁଥିବାର ଦେଖାଯାଇଥିଲା।

### ବେଆଇନ ଦଖଲ ଦେବୋତ୍ତର ଭୂସମ୍ପତ୍ତି ବିକ୍ରି ଯୋଜନା

ଉଚ୍ଛେଦରେ ଅବୈଧ ନିର୍ମାଣ ସହ ସରକାରୀ ନିର୍ମାଣ ମଧ୍ୟ ବାଦ୍ ନ ପଡ଼ିବା ଦେଖି ବେଆଇନ ଦଖଲକାରୀଙ୍କ ମନରେ ଭୟ ପଶିଲାଣି। କେତେଜଣ ସେବାୟତ ଭୀମଟାଙ୍ଗୀ, ସାମନ୍ତରାପୁର, ଶିବନଗର, ଶ୍ରୀରାମ ନଗର, ଆନିହାରସ ଛକ, ସାନିଟୋରିଅମ୍ ଛକ ଆଦି ଅଞ୍ଚଳରେ ବିଭିନ୍ନ ଟ୍ରଷ୍ଟ ଓ ବ୍ୟକ୍ତିଗତ ଜରିଆରେ ଜବରଦଖଲ କରି ରଖିଥିବା ଦେବୋତ୍ତର ସମ୍ପତ୍ତିକୁ ବିଭିନ୍ନ ଉପାୟରେ ବିକ୍ରି ପାଇଁ ଯୋଜନା କରିଲେଣି। ସାମନ୍ତରାପୁର ନିକଟରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକରେ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ମାପଚୁପ ହୋଇଛି। ଏଥିପାଇଁ ଦଖଲକାରୀମାନେ ଜବରଦଖଲ ରଖିଥିବା ସ୍ଥାନଗୁଡ଼ିକୁ ପ୍ଲଟିଂ ମାଧ୍ୟମରେ ବିକ୍ରି କରିବା ଆରମ୍ଭ କଲେଣି। ଏଣୁ ପ୍ରଶାସନ ଏହି ସମ୍ପତ୍ତି ଶ୍ରୀ ଲିଙ୍ଗରାଜଙ୍କ ତହବିଲକୁ ଫେରାଇ ଆଣିବା ନେଇ ସାଧାରଣରେ ଦାବି କରାଯାଉଛି ।

### ୩୦ରେ ମୁଖ୍ୟମନ୍ତ୍ରୀଙ୍କ ରାସ୍ତା ଅବରୋଧ କରିବ ନବନିର୍ମାଣ ଯୁବଛାତ୍ର ସଂଗଠନ

**ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ)**

କାଳିଆ ଯୋଜନାରେ ୭୦ ଲକ୍ଷ ଚାଷୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦେବେ ବୋଲି ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ୬ମାସ ପରେ କେବଳ ୪ହଜାର ଟଙ୍କା ଦେବେ ବୋଲି ଘୋଷଣା କରି ଚାଷୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱାସଘାତକତା କରିଛନ୍ତି ବୋଲି ନବନିର୍ମାଣ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି। ସେ ଏହା ବିରୋଧରେ ଗତ ତିନିଦିନ ଧରି ଅନଶନରେ ବସିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ଆଲୋଚନା କରାଯାଇନି। ଏହାର ପ୍ରତିବାଦରେ ଆସନ୍ତା ୩୦ ତାରିଖରେ ସଂଗଠନ ମୁଖ୍ୟମନ୍ତ୍ରୀଙ୍କ ରାସ୍ତା ଅବରୋଧ କରିବ ବୋଲି ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱାର ଅଲ୍ଲୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବହୁ ଯୁବଛାତ୍ର ଯୋଗଦେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।



ଭୁବନେଶ୍ୱରର ପଣ୍ଡାକୁଦିଆ ବସ୍ତିରେ ଉଚ୍ଛେଦକୁ ବିରୋଧ କରି ଉତ୍ୟକ୍ତ ଲୋକେ ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ଜେସିବିକୁ ଘେରି ରହିଛନ୍ତି।

# ବିରୋଧ ସତ୍ତ୍ୱେ ହଟିଲା ପଣ୍ଡାକୁଦିଆ ବସ୍ତିରୁ ଜବରଦଖଲ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ବିଏମ୍‌ସି ବିଡିଏ ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଶନିବାର ବିରୋଧ ସତ୍ତ୍ୱେ ପଣ୍ଡାକୁଦିଆ ବସ୍ତିରୁ ଜବରଦଖଲ ଉଚ୍ଛେଦ କରିଛି। ଗତ ୧୭ ତାରିଖ ଦିନ ସ୍କ୍ୱାଡ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତର ହେବାକୁ ସମୟ ଦିଆଯାଇଥିଲା। ୧୧ଦିନ ପରେ ସ୍କ୍ୱାଡ ଏହି ଉଚ୍ଛେଦ କରିଛି। ଏଥିରେ ୬ଟି ଘର, ଗୋଟିଏ ୧୦ଫୁଟ୍‌ର ପାଚେରିକୁ ଭଙ୍ଗାଯାଇଛି। ସୂଚନା ଅନୁଯାୟୀ, ପ୍ରାୟ ୩ ଏକର ସରକାରୀ ଜମିକୁ ପଣ୍ଡାକୁଦିଆ ବସ୍ତିର ୬୦ ପରିବାର କବ୍‌ଜା କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମାପଚୁପ ହୋଇ ସଂରକ୍ଷିତ ଥିବା ଜମିକୁ ମଧ୍ୟ ସେମାନେ ମାଡ଼ି ବସିଛନ୍ତି। ତେଣୁ ବହୁ ଦିନ ହେଲା ସେମାନଙ୍କୁ ନୋଟିସ୍ କରାଯିବା ସହ ସାମୟିକ ମହଲତ ଦିଆଯାଇଥିଲା। ଏବେ ଉଚ୍ଛେଦ ଆରମ୍ଭ ହୋଇଥିବାବେଳେ ଆଗକୁ ମଧ୍ୟ ଉଚ୍ଛେଦ ଜାରି ରହିବ ବୋଲି ଉଚ୍ଛେଦକାରୀ ଦଳ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ବିମାନବନ୍ଦରର ପରିସୀମା ବୃଦ୍ଧି ପାଇଁ ଓୟୁଏଟି ଫାର୍ମ ଗେଟ୍ ବସ୍ତିକୁ ଉଚ୍ଛେଦ କରାଯିବା ସହ ସେଠାରେ ରହୁଥିବା ୧୧୦ ପରିବାରଙ୍କୁ ପଣ୍ଡାକୁଦିଆ ବସ୍ତିକୁ ସ୍ଥାନାନ୍ତର କରାଯିବ। ସେଥିପାଇଁ ଏବେ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଶନିବାର ଉଚ୍ଛେଦ କାର୍ଯ୍ୟ ହୋଇଛି। ପୂର୍ବରୁ ପଣ୍ଡାକୁଦିଆସ୍ଥିତ ଅଣପଞ୍ଜୀକୃତ ବସ୍ତିରେ ଜବରଦଖଲ ଉଚ୍ଛେଦକୁ ବସ୍ତିବାସିନ୍ଦା ବିରୋଧ କରିଥିଲେ। ମାଇକ୍‌ରେ ଉଚ୍ଛେଦ ହେବ ବୋଲି ପ୍ରଚାର ହେବା ପରେ ବସ୍ତିବାସିନ୍ଦା କାମ ଧନ୍ଦାକୁ ନ ଯାଇ ଉଚ୍ଛେଦ ଟିମ୍‌କୁ ପ୍ରତିରୋଧ କରିବାକୁ ପ୍ରସ୍ତୁତ ହୋଇଥିଲେ। ଉଚ୍ଛେଦ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରେ ଶହ ଶହ ମହିଳା ଓ ପୁରୁଷ ଏକାଠି ହୋଇ ଶାନ୍ତିପୂର୍ଣ୍ଣ ଭାବେ ଟିମ୍‌କୁ ଘେରିବା ସହ ଦୁଇଟି ଜେସିବି ଆଗରେ ବସି ରହିବାରୁ ଉଚ୍ଛେଦ ହୋଇପାରି ନ ଥିଲା। ଉଚ୍ଛେଦରେ ବିଡିଏ ଉଚ୍ଛେଦ ଅଧିକାରୀ ପ୍ରମୋଦ ପାତ୍ର, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଉଚ୍ଛେଦ ଦଳ ୧, ୨, ୩ ଓ ୪ ସହ ବିଡିଏ ସ୍ମାର୍ଟସିଟି ସ୍କ୍ୱାଡ, ବିଏମ୍‌ସି ସାଉଥ୍ ୱେଷ୍ଟ ଜୋନାଲ ଡେପୁଟି କମିଶନରଙ୍କ ନେତୃତ୍ୱରେ ଜୋନାଲ ସ୍କ୍ୱାଡ ଏବଂ କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ଫୋର୍ସ ସହ ଖଣ୍ଡଗିରି ଗଜାନ ଏସିପି ଓ ଥାନା ଅଧିକାରୀ ଉପସ୍ଥିତ ଥିଲେ।

# ଅନ୍ଧବିଶ୍ୱାସ, କୁସଂସ୍କାରକୁ ଗାନ୍ଧିଜୀ ସ୍ୱୀକାର କରୁ ନ ଥିଲେ

**ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ)**

**'ସଂସ୍କୃତି ଚର୍ଚ୍ଚା'**

ମହାତ୍ମା ଗାନ୍ଧୀ ପ୍ରାଚୀନତାକୁ ସମ୍ମାନ ଜଣାଉଥିଲେ ମଧ୍ୟ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ସ୍ୱୀକାର କରୁ ନ ଥିଲେ। ବିଭିନ୍ନତା ଓ ବିବିଧତା ମଧ୍ୟରେ ଏକତା ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱ ବୋଲି ସେ ବିଶ୍ୱାସ କରୁଥିଲେ। ଶିକ୍ଷାରେ ଦେଶୀୟ ଭାଷାର ଉପଯୋଗ କରିବାକୁ ଗାନ୍ଧିଜୀ ଗୁରୁତ୍ୱ ଦେଉଥିଲେ ବୋଲି ବିଶିଷ୍ଟ ଅଧ୍ୟାପକ, ଐତିହାସିକ ତଥା ସ୍ତମ୍ଭକାର ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟ ଅଭିଲେଖାଗାର କକ୍ଷରେ ଅନୁଷ୍ଠିତ 'ସଂସ୍କୃତି ଚର୍ଚ୍ଚା'ରେ ଯୋଗଦେଇ ପ୍ରଫେସର ଆଚାର୍ଯ୍ୟ 'ଭାରତୀୟ ସଂସ୍କୃତି: ଏକ ଗାନ୍ଧିବାଦୀ ଦୃଷ୍ଟି' ଶୀର୍ଷକ ପ୍ରସଙ୍ଗରେ ଆଲୋକପାତ କରି ସଂସ୍କୃତିର ସଂଜ୍ଞା ପ୍ରଦାନପୂର୍ବକ ଭାରତୀୟ ସଂସ୍କୃତିକୁ ଗାନ୍ଧୀବାଦ ଦୃଷ୍ଟିରୁ ବ୍ୟାଖ୍ୟା କରିଥିଲେ।

ସେ କହିଥିଲେ, ଗାନ୍ଧିଜୀଙ୍କ ମତରେ ୟୁରୋପୀୟ ସଂସ୍କୃତି ଓ ଭାରତୀୟ ସଂସ୍କୃତି ସମ୍ପୂର୍ଣ୍ଣ ଭିନ୍ନ ହୋଇଥିଲେ ମଧ୍ୟ ୟୁରୋପୀୟ ସଂସ୍କୃତିର ମହତ୍ ଉପାଦାନଗୁଡ଼ିକୁ ଅନୁଧାବନ କରାଯାଇପାରେ। ଧର୍ମରେ ରାଷ୍ଟ୍ରର ହସ୍ତକ୍ଷେପ ଗ୍ରହଣଯୋଗ୍ୟ ନୁହେଁ କି ଧର୍ମଶିକ୍ଷା ରାଷ୍ଟ୍ରର ଦାୟିତ୍ୱ ନୁହେଁ ବୋଲି ଗାନ୍ଧିଜୀ ମତ ଦେଇଥିଲେ। ନୈତିକ ଶିକ୍ଷା ଓ ସାମାଜିକ ଶାନ୍ତି ଗ୍ରହଣଯୋଗ୍ୟ ହୋଇଥିବାବେଳେ ତାହାକୁ ଅଗ୍ରାଧିକାର ଦେବା ରାଷ୍ଟ୍ର ପାଇଁ ହିତକାରକ ବୋଲି ଗାନ୍ଧିଜୀ ସବୁବେଳେ ବିଶ୍ୱାସ କରୁଥିଲେ। ନାରୀ ସ୍ୱାଧୀନତାକୁ ଗାନ୍ଧିଜୀ ସଂପୂର୍ଣ୍ଣ ସମର୍ଥନ କରୁଥିଲେ ବୋଲି ପ୍ରଫେସର ଆଚାର୍ଯ୍ୟ କହିଥିଲେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋଚନା କରିବା ସହିତ ଭାରତୀୟ ସଂସ୍କୃତି ବାବଦରେ ଗାନ୍ଧିଜୀଙ୍କ ଦୃଷ୍ଟିକୋଣ ନେଇ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଶାସନ ସଚିବ ତଥା ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୁଲେମାନ ଅଲି ଧନ୍ୟବାଦ ଦେଇଥିଲେ।

# ରୋଟାରି ଫୋକସ୍‌ରେ ଓଡ଼ିଶା

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ରେଲ୍‌ୱେ ଅଡିଟୋରିୟମରେ ଦ୍ୱିଦିବସୀୟ ରୋଟାରୀ ଜିଲା ସମ୍ମିଳନୀ 'ଏକ୍ସଲ୍' ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀକୁ ଆରଆଇପିଆର ବଂଶୀ ଧୁରନ୍ଧର ଓ ଜିଲା ଗଭର୍ନର ଦେବାଶିଷ ମିଶ୍ର ଉଦ୍‌ଘାଟନ କରିଥିଲେ। ଅଭିଭାଷଣରେ ମିଶ୍ର କହିଥିଲେ, ଓଡ଼ିଶାର ସମଗ୍ର ଜିଲାରେ ରୋଟାରି ୯୨ଟି କ୍ଲବ ମାଧ୍ୟମରେ ଭିନ୍ନ ଭିନ୍ନ ସେବା ଯୋଗାଇ ଦେଉଛି ଏବଂ ରୋଟାରି ସେବାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଏହି ସମ୍ମିଳନୀ ଅଭିପ୍ରେତ। ଆହୁରି ସେ କହିଥିଲେ, ରାଜ୍ୟର ଶହେ ସରକାରୀ ସ୍କୁଲ୍‌ରେ 'ଜଳଧାରା' ଯୋଜନା ଅନ୍ତର୍ଗତ ଶୁଦ୍ଧ ପାନୀୟ ଜଳ ଯୋଗାଣ ଯନ୍ତ୍ର ଯୋଗାଇ ଦିଆଯାଇଛି। ଆସନ୍ତା ମାର୍ଚ୍ଚ ମଧ୍ୟରେ ସରକାରୀ ସ୍କୁଲ୍‌ରେ ଦଶହଜାର ବେଞ୍ଚ ଓ ଡେସ୍କ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରାଜ୍ୟରେ ରୋଟାରି ଦ୍ୱାରା ପରିଚାଳିତ ୫ଟି ଚକ୍ଷୁ ଚିକିତ୍ସାଳୟ ଜରିଆରେ ୧ଲକ୍ଷ ୨୦ହଜାର ବୃଦ୍ଧାଙ୍କୁ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପ୍ରଚାର କରାଯାଇଛି। ଆଗାମୀ ଦୁଇମାସ ମଧ୍ୟରେ ୨୫ଟି ସରକାରୀ ଡାକ୍ତରଖାନାରେ ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରିବାର ପ୍ରୟାସ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଆନ୍ତର୍ଜାତିକ ରୋଟାରି କାର୍ଯ୍ୟାଳୟ ଓଡ଼ିଶାକୁ ଅଧିକ ସେବା ଯୋଗାଇ ଦେବା ପାଇଁ ଫୋକସରେ ରଖିଛନ୍ତି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପବ୍ଲିକ ଇମେଜ ଅଧ୍ୟକ୍ଷ ବିଭୂତି ଭୂଷଣ କର ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଓଡ଼ିଶାରେ ରୋଟାରି ସେବାକୁ ଅଧିକ ବ୍ୟାପକ ଓ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ମିଶ୍ର ଆନ୍ତର୍ଜାତିକ ରୋଟାରୀ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୫ଟି ନୂତନ କ୍ଲବର ନାମ ଘୋଷଣା କରିଥିଲେ।




ରୋଟାରୀ ଜିଲା ସମ୍ମିଳନୀରେ ଉପସ୍ଥିତ ଅତିଥି।




ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଶନିବାର ଅନୁଷ୍ଠିତ ସ୍ୱଦେଶୀ ଜାଗରଣ ମଞ୍ଚ ଓଡ଼ିଶାର ଦ୍ୱାଦଶ ରାଜ୍ୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

# 'ସେସୁ'ର ଘରୋଇକରଣ ନିଷ୍ପତ୍ତିକୁ ବିରୋଧ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ସରକାରଙ୍କ ପରିଚାଳନାଧୀନ ବିଦ୍ୟୁତ୍ ବିତରଣ ସଂସ୍ଥା 'ସେସୁ'କୁ ଟାଟା ପାୱାର କମ୍ପାନୀ ଚଳାଇବ ବୋଲି ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଜରିଆରେ ଚୂଡ଼ାନ୍ତ ହୋଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଏସ୍‌ୟୁସିଆଇ(ସି) ପକ୍ଷରୁ ବିରୋଧ କରାଯାଇଛି। ଦଳର ରାଜ୍ୟ ସମ୍ପାଦକ ଧୂର୍ଜଟି ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ୪,୪୬୧ କୋଟି ଟଙ୍କା ମୂଲ୍ୟର 'ସେସୁ' କମ୍ପାନୀକୁ ମାତ୍ର ୩ଶହ କୋଟି ଟଙ୍କାରେ 'ଟାଟା ପାୱାର୍ସ'କୁ ବିକ୍ରି କରିବାପାଇଁ ନିଷ୍ପତ୍ତି କରି ରାଜ୍ୟବାସୀଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ରାଜ୍ୟର ୯ଟି ଜିଲାର ୨୬ ଲକ୍ଷ ୪୬ହଜାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା 'ସେସୁ'ର ଘରୋଇକରଣ କରି ସରକାର ସାଧାରଣ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅକଥନୀୟ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛନ୍ତି। ଏହା ବ୍ୟତୀତ ବଡ଼ ବଡ଼ ଶିଳ୍ପ ସଂସ୍ଥା ଉପରେ ୨୦୮ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବାକି ପଡ଼ିଥିବାବେଳେ ଜାନୁୟାରୀ ୧୫ତାରିଖ ସୁଦ୍ଧା ବିଲ ପଇଠ ନ କଲେ ସାଧାରଣ ଖାଉଟିଙ୍କ ଘରୁ ବିଦ୍ୟୁତ୍ ଯୋଗାଣ କାଟିଦିଆଯିବ ବୋଲି ନୋଟିସ୍ ଜାରି କରିବା ଆହୁରି ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତିକୁ ବଦଳାନ୍ତୁ ନଚେତ୍ ଆଗକୁ ତୀବ୍ର ବିରୋଧ କରାଯିବ ବୋଲି ସେ କହିଛନ୍ତି।

**ଏନର୍ଜି ଚ୍ୟାଲେଞ୍ଜସ୍ ଆଣ୍ଡ ପ୍ରମିସେସ୍ ଶୀର୍ଷକ ଆଲୋଚନାଚକ୍ର**

# ୨୦୨୨ ସୁଦ୍ଧା ୧୦୦ ଗିଗାୱାଟ୍ ସୌରଶକ୍ତି

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ୧୦୦ ଗିଗାୱାଟ ସୌରଶକ୍ତି ଉତ୍ପାଦନ କରିପାରିବ କି ନାହିଁ ବୋଲି ୨୦୧୫ରେ ଜାଣିବାକୁ ଚାହିଁଥିଲେ। କିନ୍ତୁ ଏହାକୁ ଅନେକ ବିଶ୍ୱାସ କରିପାରି ନ ଥିଲେ। କାରଣ ସେତେବେଳେ ଦେଶରେ ୨.୮ ଗିଗାୱାଟ ଉତ୍ପାଦନ ଶକ୍ତି ଥିଲା। କେବଳ ସୌର ଉତ୍ପାଦନ କ୍ଷମତା କମ୍ ନ ଥିଲା ବିଦ୍ୟୁତ୍ ଟାରିଫ ମଧ୍ୟ ଖୁବ୍ ଅଧିକ ଅର୍ଥାତ୍ ୟୁନିଟ୍ ପିଛା ୮ ଟଙ୍କା ଥିଲା। ତେଣୁ ଆଗକୁ ଏହାକୁ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ଫଳରେ ଏବେ ଭାରତ ୨୦୨୨ ସୁଦ୍ଧା ୧୦୦ ଗିଗାୱାଟର ସୌରଶକ୍ତି ଉତ୍ପାଦନ କରିବା ଦିଗରେ ଲକ୍ଷ୍ୟ ରଖିଛି ବୋଲି ଶନିବାର ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଜାତୀୟ କର୍ମଶାଳା 'ଏନର୍ଜି ଚ୍ୟାଲେଞ୍ଜସ୍ ଆଣ୍ଡ ପ୍ରମିସେସ୍' ଶୀର୍ଷକ ଆଲୋଚନାଚକ୍ରରେ ସୋଲାର ପାୱାର କର୍ପୋରେଶନ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଯତିନ୍ଦ୍ରନାଥ ସ୍ୱାଇଁ କହିଛନ୍ତି। ସୌର କ୍ଷମତା ସବୁଠାରୁ ଅଧିକ ଲଦାଖରେ ଥିବାବେଳେ ରାଜସ୍ଥାନ, ପଶ୍ଚିମ ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ମଧ୍ୟ ଅଧିକ ରହିଛି। ତେବେ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ବଡ଼ ପ୍ଲଟରେ ସୋଲାର ଇନ୍‌ଷ୍ଟାଲେଶନ୍ କରାଯାଉଛି। ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ବିହାର, ଓଡ଼ିଶା ଏବଂ ଛତିଶଗଡ଼ ଭଳି ରାଜ୍ୟରେ ସୌରଶକ୍ତି ଉତ୍ପାଦନ ନେଇ ଅଧିକ ପୁଞ୍ଜି ନିବେଶ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କର୍ମଶାଳା ଇଣ୍ଡିଆନ୍ ଏନର୍ଜି କଂଗ୍ରେସ ଦ୍ୱାରା ଆୟୋଜନ କରାଯାଇଥିବାବେଳେ ସୋଆ ଏବଂ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ବ୍ରହ୍ମପୁରର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଆଇଇସିର ସଭାପତି ପ୍ରଭାକର ସ୍ୱାଇଁ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବାବେଳେ ଓଡ଼ିଶା ସରକାରଙ୍କର ବହୁ ପ୍ରମୁଖ ସଚିବ ଏବଂ ଓଡ଼ିଶା ଜଳବିଦ୍ୟୁତ୍ ନିଗମର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ, ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର କୁଳପତି ପ୍ରଫେସର ସି.ଆର ତ୍ରିପାଠୀ, ସୋଆର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟର ଡିନ୍ ପ୍ରଫେସର ପି.କେ ନନ୍ଦ, ଆଇଇସିର ସାଧାରଣ ସମ୍ପାଦକ ପି.କେ ପାଢ଼ୀ ଏବଂ ସମ୍ପାଦକ ଏସ୍.କେ ସାହୁ ଉପସ୍ଥିତ ରହି ଉଦ୍‌ବୋଧନ ରଖିଥିଲେ।

# ମାଟିରେ ମିଶିବ ଟାଗୋରଙ୍କ ପାଥେରପୁରୀ

**ପୁରୀ ଅଫିସ, ୨୮।୧୨**



- ପୌର ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ
- ଆପତ୍ତି ଉଠାଇଲେ ପୁରାତନ ଛାତ୍ର, ପୁନରୁଦ୍ଧାର ଦାବି
- ଟାଗୋର ସଂଗ୍ରହାଳୟ ଓ ପାଠାଗାର ନିର୍ମାଣ ଦାବି

ପୁରୀ ଚକ୍ରତୀର୍ଥ ରୋଡରେ ରହିଛି ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଐତିହାସିକ ପାଥେରପୁରୀ। କୁହାଯାଏ ଏହି ସ୍ଥାନରେ ରହି ଟାଗୋର 'ଗୀତାଞ୍ଜଳି' ରଚନା କରିଥିଲେ। ଏହି ଐତିହାସିକ ସ୍ଥଳ ଏବେ ମାଟିରେ ମିଶିବାକୁ ଯାଉଛି। ପୌର ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରାଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଶଙ୍କର୍ଷଣ ଦାଶ କହିଛନ୍ତି, ପାଥେରପୁରୀ କୋଠା ବିପଦସଙ୍କୁଳ ରହିଥିବାରୁ ଏହାକୁ ଉଚ୍ଛେଦ ଲାଗି ପୌର ପ୍ରଶାସନ ପକ୍ଷରୁ ଚିଠି ଆସିଥିଲା। ତେବେ ଏଠାରେ ରବୀନ୍ଦ୍ରନାଥଙ୍କ ସ୍ମୃତି ଜଡ଼ିତ ରହିଥିବାରୁ ଏହି ସ୍ଥାନରେ ଅତ୍ୟାଧୁନିକ କୋଠା, ଟାଗୋରଙ୍କ ଐତିହାସିକ ସଂଗ୍ରହାଳୟ ଏବଂ ପାଠାଗାର ନିର୍ମାଣ ଲାଗି ପୂର୍ତ୍ତ ବିଭାଗକୁ ଚିଠି ଲେଖାଯାଇ ଅନୁରୋଧ କରାଯାଇଥିଲା। ସେହିପରି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଏହି କୋଠା ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ନଷ୍ଟ ହୋଇ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହାକୁ ଉଚ୍ଛେଦ ଲାଗି ପୌର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି।

ଅନ୍ୟପକ୍ଷରେ ପାଥେରପୁରୀରେ ଟାଗୋରଙ୍କ ବହୁ ସ୍ମୃତି ଚିହ୍ନ ରହିଛି। ସେ ବ୍ୟବହାର କରୁଥିବା ବହୁ ପ୍ରାଚୀନ ସାମଗ୍ରୀ, ନଥିପତ୍ର ଆଜି ବି ସେଠାରେ ରହିଛି। କେତେକ ନଥିପତ୍ର ଉଇ ଖାଇଗଲାଣି, ଆଉ କିଛି ସଂରକ୍ଷିତ ରହିଛି। ପରବର୍ତ୍ତୀ ସମୟରେ ଏହି ସ୍ଥାନରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ଜୁନିୟର କଲେଜର ହଷ୍ଟେଲ ଚାଲିଥିଲା। ଗତ ଫନୀ ବାତ୍ୟାରେ ଏହି କୋଠାର ଆଜବେଷ୍ଟସ ଛାତ ଉଡ଼ିଯିବା ସହ ବ୍ୟାପକ କ୍ଷତି ଘଟିଥିଲା। ତା' ପରଠାରୁ ଏଠାରେ ଛାତ୍ରାବାସ ବନ୍ଦ ରହିଛି। ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା। କଲେଜ ଅଧୀନରେ ରହିଥିବା ଏହି ହଷ୍ଟେଲ କୋଠା ଉଚ୍ଛେଦ ନିଷ୍ପତ୍ତି ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାଥେରପୁରୀର ପୁନରୁଦ୍ଧାର ପରିବର୍ତ୍ତେ ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟାକୁ ନେଇ ବୁଦ୍ଧିଜୀବୀ ଏବଂ ପୂର୍ବତନ ଛାତ୍ରୀଛାତ୍ରମାନେ ଆପତ୍ତି ଉଠାଇଛନ୍ତି। ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ପାଥରପୁରୀ ସହିତ ଟାଗୋରଙ୍କ ସ୍ମୃତିଚିହ୍ନ ଜଡ଼ିତ ରହିଛି। ଏହି ଐତିହ୍ୟ କୀର୍ତ୍ତିରାଜିର କିପରି ସଂରକ୍ଷଣ କରାଯାଇପାରିବ, ସେଥିପ୍ରତି ପ୍ରଶାସନ ଏବଂ ସରକାର ଗୁରୁତ୍ୱ ଦେବା ଉଚିତ। ସେହିପରି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଶ୍ରୀକ୍ଷେତ୍ରର ବିକାଶ ଆଳରେ ପ୍ରଶାସନ ଐତିହ୍ୟର ବିନାଶ କରିବା ଉଚିତ ନୁହେଁ। ଏହି ସ୍ଥାନର ଐତିହ୍ୟ କିପରି ବଜାୟ ରହିବ ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଲେ ଏହାର ଗରିମା ବୃଦ୍ଧି ପାଇବ। ସାମାଜିକ କର୍ମୀ ବ୍ରଜବନ୍ଧୁ ମହାରଣା କହିଛନ୍ତି, କଲେଜ ଅଧୀନରେ ପାଥେରପୁରୀ ରହିଛି। ସରକାର ଏହି ସ୍ଥାନର ବିକାଶ ପ୍ରତି ଗୁରୁତ୍ୱ ଦେବା ଉଚିତ। ଏଠାରେ ଟାଗୋରଙ୍କ ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି ସ୍ଥାପନ ସହ ଅତ୍ୟାଧୁନିକ ପାଠାଗାର ନିର୍ମାଣ କରାଗଲେ ଶ୍ରୀକ୍ଷେତ୍ରର ଗୌରବ ବୃଦ୍ଧି ପାଇବ।



କଟକ ବକ୍ସିବଜାର ନିକଟ ରିଜର୍ଭ ପୋଲିସ ପଡ଼ିଆରୁ ବାହାରିଥିବା ମିନି ମାରାଥନ୍।

# କମିଶନରେଟ୍ ପୋଲିସ ପକ୍ଷରୁ ମିନି ମାରାଥନ୍

**କଟକ ଅଫିସ, ୨୮।୧୨**

କମିଶନରରେଟ୍ ପୋଲିସର ୧୨ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଛି। ଏହି ଅବସରରେ କମିଶନରରେଟ୍ ପୋଲିସ ପକ୍ଷରୁ ମିନି ମାରାଥନ ଆୟୋଜନ କରାଯାଇଥିଲା। ଏହାକୁ ମୁଖ୍ୟଅତିଥି ଜଷ୍ଟିସ୍ ଏସ୍.କେ. ମିଶ୍ର ଶୁଭାରମ୍ଭ କରିଥିଲେ। କଟକ ବକ୍ସିବଜାର ନିକଟ ରିଜର୍ଭ ପୋଲିସ ପଡିଆରୁ ଏହି ମାରାଥନ ବାହାରି ଇନ୍‌ଡୋର ଷ୍ଟାଡିୟମରେ ଶେଷ ହୋଇଥିଲା। ଏଥିରେ ସହରର ଯୁବପିଢି, ଅଭିନେତା, ପୋଲିସ ଓ ପ୍ରଶାସନିକ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ମାରାଥନରେ ଉତ୍ତୀର୍ଣ୍ଣ ହୋଇଥିବା କୃତ୍ତୀ ପ୍ରତିଯୋଗୀଙ୍କୁ କମିଶନରେଟ୍ ପୋଲିସ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, କଟକ ଡିସିପି ଅଖିଳେଶ୍ୱର ସିଂ, ଟ୍ରାଫିକ୍ ଡିସିପି ସାଗରିକା ନାଥ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ଅଭିନେତା ବିଜୟ ମହାନ୍ତି, ମିହିର ଦାସ, କୁନା ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଷ ପିଇ ଆତ୍ମହତ୍ୟା

**ଖୋର୍ଦ୍ଧା ଅଫିସ,୨୮।୧୨:** ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ପୋଡ଼ାସାହିର ଗିରିଜା ଶଙ୍କର ପଣ୍ଡା(୫୬) ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ଖୋର୍ଦ୍ଧା ମେଡିକାଲରେ ପହଞ୍ଚି ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ମାମଲା (ନଂ.୬୨/୧୯)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପାରିବାରିକ ବିବାଦରୁ ଗିରିଜା ବିଷ ପିଇ ଦେଇଥିଲେ। ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନରାଜ,୨୮।୧୨ (ଡି.ଏନ୍.ଏ.):** ବାରଙ୍ଗ ଥାନା କୃଷ୍ଣଚନ୍ଦ୍ରପୁର ଗ୍ରାମରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମାମୁଘରୁ ଉଦ୍ଧାର ହୋଇଛି। ସେ ହେଲେ ଦିପୁନା ପାତ୍ର (୨୭)। ଏନେଇ ମାମୁ ଘର ଲୋକ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଦିପୁନାଙ୍କ ଘର କଟକ ଜିଲା ଅନ୍ତର୍ଗତ ବିରିବାଟୀ ଗ୍ରାମରେ। ସେ ପିଲାଟି ଦିନରୁ ମାମୁଘରେ ରହୁଥିଲେ। ଶୁକ୍ରବାର ରାତିରେ ସେ ଘରେ ଶୋଇଥିଲେ। ସକାଳୁ ଘର ଭିତରେ ଥିବା ଫ୍ୟାନରେ ତାଙ୍କୁ ଝୁଲୁ ଥିବା ଦେଖି ପରିବାର ଲୋକେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଦିପୁନାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାରଙ୍ଗ ଥାନାରେ ଖବର ଦିଆଯିବା ପରେ ପୋଲିସ ମୃତଦେହ ଜବତ କରିଛି। ଏନେଇ (ନଂ.୧୪/୧୯)ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।




ଭୁବନେଶ୍ୱର ସୂଚନା ଭବନରେ ସିକନ୍ଦର ଆଲାମ ଫାଉଣ୍ଡେଶନ ପକ୍ଷରୁ ଶନିବାର ଅନୁଷ୍ଠିତ 'ଶ୍ୟାମ ଏ ଗଜଲ' କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ନାଜିଆ ଆଲାମ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଅଗ୍ନିକାଣ୍ଡରେ ୮ ଏକର ଧାନ ଫସଲ ଜଳିଗଲା

**ଆଠଗଡ,୨୮।୧୨ (ସ୍ୱ.ପ୍ର.)**

**ଆସିଲେନି ପ୍ରଶାସନିକ ଅଧିକାରୀ: ଚାଷୀଙ୍କ ରାସ୍ତା ଅବରୋଧ**

ଆଠଗଡ଼ ବ୍ଲକ ସମସରପୁର ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁରସ୍ଥିତ ନୂଆଗହୀର ଅଞ୍ଚଳରେ ଶନିବାର ଅଗ୍ନିକାଣ୍ଡ ଘଟି ପ୍ରାୟ ୮ ଏକର ଚାଷ ଜମିରେ ପାଚିଲା ଧାନ ଫସଲ ପୋଡି ପାଉଁଶ ହୋଇଯାଇଛି। ଏଥିରେ ବିଜୟ ମହାନ୍ତି, ଶିଖର ଗଣ୍ଡିଆ, ଧନେଶ୍ୱର ଗଣ୍ଡିଆ, ମୁନି ଗଣ୍ଡିଆ, ନାରାୟଣ ଜେନା, ଧ୍ରୁବଚରଣ ଦେହୁରୀ, ପବିତ୍ର ମହାନ୍ତି ଓ ଦମୟନ୍ତୀ ଜେନାଙ୍କ ସମେତ ଅନ୍ୟାନ୍ୟ ଚାଷୀଙ୍କ ଧାନ ଫସଲ ଜଳିଯାଇଛି। ଫସଲ ହରାଇ ଚାଷୀ ହତାଶ ହୋଇଯାଇଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଏନେଇ ଉତ୍ତ୍ୟକ୍ତ ଲୋକେ ପୁରୁଣା କଟକ-ସମ୍ବଲପୁର ରାସ୍ତାକୁ ରଘୁନାଥପୁରଠାରେ ଅବରୋଧ କରିଥିଲେ। ଅପରାହ୍ଣରେ ରାସ୍ତାଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ଏହି ଚାଷ ଜମିରେ କୌଣସି କାରଣରୁ ନିଆଁ ଲାଗିଥିଲା। ଏହାଦେଖି ଚାଷୀମାନେ ଆଠଗଡ଼ ଅଗ୍ନିଶମ ସେବା ସଂସ୍ଥାରେ ଖବର ଦେଇଥିଲେ। ମାତ୍ର ବିଳମ୍ବରେ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ପବନର ବେଗରେ ନିଆଁ ଚତୁଃପାର୍ଶ୍ୱକୁ ବ୍ୟାପୀ ଯାଇଥିଲା। ଅଗ୍ନିଶମ କର୍ମଚାରୀ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ କେତେକ ଜମିରେ କଟା ହୋଇଥିବା ଧାନ ଓ ଅନ୍ୟ କିଛି ଜମିରେ ଅମଳ ହେବାକୁ ଥିବା ପାଚିଲା ଧାନ ଜଳି ଯାଇଥିଲା। ମାତ୍ର କୌଣସି ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ନ ପହଞ୍ଚିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ କ୍ଷତିଗ୍ରସ୍ତ ଚାଷୀ ରଘୁନାଥପୁରରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଅଟକି ଯିବାରୁ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖବରପାଇ ସରପଞ୍ଚ ସୁଚିସ୍ମିତା ବେହେରା, ପୂର୍ବତନ ସରପଞ୍ଚ ଅଜୟ କୁମାର ସ୍ୱାଇଁ ଓ ହୃଷୀକେଶ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏସମ୍ପର୍କରେ ତହସିଲଦାରଙ୍କ ସମେତ କୃଷି ବିଭାଗରେ ଖବର ଦିଆଯାଇଛି ବୋଲି ସେମାନେ କହିଥିଲେ। ସୋମବାର ଅଧିକାରୀମାନେ କ୍ଷୟକ୍ଷତିର ଆକଳନ କରି ଆଗାମୀ ପଦକ୍ଷେପ ନେବେ ବୋଲି ସୂଚନା ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

# ଅଭିନେତ୍ରୀ ୪୨୦

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

- ସୋସିଆଲ ମିଡିଆରେ ହଟ୍ ଫଟୋ ଦେଇ ଯୁବକଙ୍କୁ ଠକୁଛନ୍ତି
- ବିବାହ ଆଳରେ ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଲୁଟ୍
- ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ:ଡିସିପି

ବିବାହ କରିବା ଆଳରେ ବିଶାଖାପାଟଣାର ପଦ୍ମାରାଜୁ ଶିବକୁମାରଙ୍କଠାରୁ ଠକେଇ କରିଥିବା ଅଭିନେତ୍ରୀଙ୍କ ନାମରେ ଅଭିଯୋଗର ତାଲିକା ବଢ଼ିବାରେ ଲାଗିଛି। ଅଭିନେତ୍ରୀ ଜଣକ ନିଜ ହଟ୍ ଫଟୋକୁ ସୋସିଆଲ ମିଡିଆରେ ଛାଡି, ପ୍ରେମ ଆଳାପ କରି ଏବଂ ରୋମାଣ୍ଟିକ ଗୀତ ଗାଇ ଯୁବକମାନଙ୍କୁ ପ୍ରେମ ଜାଲରେ ଫସାଇଛନ୍ତି। ଏଭଳି ଉପାୟରେ ସେ ୫ଜଣ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଜଣାପଡିଛି। ପ୍ରଥମେ ମୁମ୍ବାଇରେ ରହୁଥିବା ପଦ୍ମାରାଜୁ ଶିବକୁମାରଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଲାପଟପ, ସୁନା ଚେନ ଓ ଅଢେଇ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅଭିଯୋଗ ବଢ଼ିବାରେ ଲାଗିଛି। ବ୍ରହ୍ମପୁରର ପପୁନ ମହାରଣାଙ୍କଠାରୁ ମଧ୍ୟ ସେ ୧୦ ହଜାର ଟଙ୍କା ଠକି ନେଇଛନ୍ତି। ତାଙ୍କୁ ଓଡ଼ିଆ ଫିଲ୍ମରେ ଅଭିନୟ କରିବା ପାଇଁ ସୁଯୋଗ ଦେବାକୁ କହି ଟଙ୍କା ନେବା ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ସେହିଭଳି ୨୦୧୭ରେ ଝାରସୁଗୁଡାର ଜଣେ ବ୍ୟବସାୟୀଙ୍କୁ ସମାନ ଢଙ୍ଗରେ ୪ ଲକ୍ଷ ଟଙ୍କା ଠକେଇ କରିଛନ୍ତି। ତାଙ୍କ ସହ ପ୍ରଥମେ ମାଟ୍ରିମୋନିଆଲ ସାଇଟ୍‌ରୁ ପରିଚିତ ହୋଇଥିଲେ। ଅଭିନେତ୍ରୀ ଜଣକ ତାଙ୍କୁ ବିବାହ ପାଇଁ ରାଜି ହୋଇଥିବା କହି ଫୋନ୍ ନମ୍ବର ଦିଆନିଆ ହୋଇଥିଲା। ଫୋନ୍‌ରେ ଅଭିନେତ୍ରୀ ଜଣକ ପ୍ରେମଭରା କଥା କହିବା ସହ ତାଙ୍କୁ ରୋମାଣ୍ଟିକ ଗୀତ ଗାଇ ଫସାଇଥିଲେ। ବ୍ୟବସାୟୀ ଜଣକ ଏଭଳି ପ୍ରେମଭରା ଗୀତ ଶୁଣି ତାଙ୍କୁ ନିଜର ଭାବୀ ସ୍ତ୍ରୀ ଭାବି ନେଇଥିଲେ। ଏହାପରେ ବିଭିନ୍ନ ଆଳରେ ଅଭିନେତ୍ରୀ ଜଣକ ୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏହାପରେ ବ୍ୟବସାୟୀ ଜଣକ ବିବାହ ପାଇଁ କହିବାରୁ ଦିନ ଗଡ଼ାଇଥିଲେ। ଅଭିନେତ୍ରୀଙ୍କ କଳା କାରନାମା ପଦାକୁ ଆସିବା ପରେ ବ୍ୟବସାୟୀ ଜଣକ ଗଣମାଧ୍ୟମ ଆଗରେ ସବୁକଥା କହିଛନ୍ତି। ଏଭଳି ୪୨୦ ଅଭିନେତ୍ରୀଙ୍କୁ ସହଯୋଗ କରୁଛନ୍ତି ଏକ କାଷ୍ଟିଂ କାଉଚ୍ ମାମଲାରେ ଜେଲ ଯାଇଥିବା ଜଣେ ଅଭିନେତା। ଉଭୟେ ମିଶି ଫେସ୍‌ବୁକ୍‌ରେ ଯୁବକଙ୍କୁ ଶିକାର କରିବା ପାଇଁ ଖୋଜୁଛନ୍ତି। ହେଲେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାରୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରୁନାହିଁ। ଅଭିଯୋଗ ଆସିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ।



## ଖଣ୍ଡଗିରି-ଉଦୟଗିରିରେ ସରିଲା ଐତିହ୍ୟ ପଦଯାତ୍ରା

# ଶୀତୁଆ ସକାଳରେ ଐତିହ୍ୟ ଗାଥା, ଗୁମ୍ଫା ରହସ୍ୟ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଖଣ୍ଡଗିରି-ଉଦୟଗିରି ପାଦଦେଶରେ ଚଳିତବର୍ଷ ୨୦୧୯ର ଶେଷ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଗୋଟିଏ ଦଳର ୧୨ଜଣ ସଦସ୍ୟଙ୍କୁ ନେଇ ଶନିବାର ପଦଯାତ୍ରା ଖଣ୍ଡଗିରି ଗୁମ୍ଫା ନିକଟରୁ ଆରମ୍ଭ ହୋଇଥିଲା। ଶୀତୁଆ ସକାଳ ସାଙ୍ଗକୁ କୁହୁଡ଼ିର ଆସ୍ତରଣ ସହ କଳିଙ୍ଗର ଐତିହ୍ୟ ଗାଥା, ମହାବୀର ଜୈନଙ୍କ ଇତିହାସ ଓ ଖ୍ରୀଷ୍ଟ ପୂର୍ବ ଦ୍ୱିତୀୟ ଶତାବ୍ଦୀରେ ଏଠାରେ ହୋଇଥିବା ସଭ୍ୟତାର ବିକାଶର କାହାଣୀ ପର୍ଯ୍ୟଟକଙ୍କୁ ପଦଯାତ୍ରାରେ ବାନ୍ଧି ରଖିଥିଲା। ରାଣୀ ଗୁମ୍ଫା, ହାତୀ ଗୁମ୍ଫା ବିଷୟରେ ସେମାନେ ଜାଣିବା ପରେ ବିଶେଷ ଭାବେ ଐତିହ ସ୍ଥଳୀ ପ୍ରତି ଆକର୍ଷିତ ହୋଇଥିଲେ। ଏହାସହ ସେମାନଙ୍କୁ ଉଦୟଗିରି ପାହାଡ଼ ଉପରେ ଥିବା ଏକ ପୋଖରୀ ଓ ଲଲାଟେନ୍ଦୁ ଗୁମ୍ଫା ପ୍ରତି ଆକୃଷ୍ଟ କରିଥିଲା।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।

- ଭଲଟାୟର



## ସଂକ୍ଷେପରେ

### ଫୁଟବଲ: ଫାଇନାଲ୍‌ରେ ଭୁଆସୁଣୀ କ୍ଲବ

ଖୁଣ୍ଟୁଣୀ, ୨୮।୧୨(ଡି.ଏନ୍.ଏ.): ଆଠଗଡ଼ ବ୍ଲକ ଓରନ୍ଦା ସମ୍ଭେଶ୍ୱର ଖେଳପଡ଼ିଆରେ ଅନୁଷ୍ଠିତ ମହାଦେବ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ନାରପଡ଼ା କ୍ଲବ ଓ ବିଡ଼ାନାସୀର ଭୁଆସୁଣୀ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ୧-୧ଗୋଲ୍‌ରେ ଟାଏ ରହିଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ନାରପଡ଼ା ୨ଟି ଗୋଲ୍ ଦେଇଥିବା ବେଳେ ବିଡ଼ାନାସୀ ୪ଟି ଗୋଲ୍ ଦେଇ ବିଜୟୀ ହେବା ସହ ଫାଇନାଲ୍‌ରେ ପ୍ରବେଶ କରିଛି। ରେଫରି ଭାବେ ସଞ୍ଜୀବ ଦାସ, ଲାଇନ୍‌ମ୍ୟାନ୍ ରଜାକ୍ ଖାନ୍ ଏବଂ ସଫିକ୍‌ଉଲ୍ଲା ଖାନ୍ ଖେଳ ପରିଚାଳନା କରିଥିଲେ। ଓରନ୍ଦା ଗ୍ରାମ ମୁରବି ଶ୍ୟାମସୁନ୍ଦର ପରିଜା ଓ କ୍ରୀଡ଼ାବିତ୍ ସୁବାସ ବେହେରା ଅତିଥିଭାବେ ଯୋଗଦେଇଥିଲେ।

### ଆଜବେଷ୍ଟସ୍ ବଦଳରେ ଟିଣ ଚାଦର ଦାବି

କଟକ ସଦର,୨୮।୧୨(ଡି.ଏନ୍.ଏ.): ବାତ୍ୟା 'ଫନୀ'ରେ କଟକ ଜିଲାର ସ୍କୁଲଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କଟକ ସଦର ବ୍ଲକ ପ୍ରଶାସନ ପକ୍ଷରୁ ୮୪ଟି ସ୍କୁଲର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କଟକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅର୍ଥ ମଞ୍ଜୁର କରାଯାଇଛି। କ୍ଷତିଗ୍ରସ୍ତ ସ୍କୁଲଗୁଡ଼ିକରେ ନୂଆ କିମ୍ବା ଆଜବେଷ୍ଟସ ମରାମତି ନ କରାଯାଇ ଟିଣ ଚାଦର ପକାଇବା ପାଇଁ ବିଭିନ୍ନ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ବହୁ ସ୍କୁଲରେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିବାରୁ ଆଜବେଷ୍ଟସ ମରାମତି ପିଲାଙ୍କ ପାଇଁ ନିରାପଦ ନୁହେଁ ବୋଲି ଧରିଣା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ପ୍ରଧାନ କହିଛନ୍ତି।

### ୱାର୍ଡ ସଭ୍ୟ ପ୍ରଶିକ୍ଷଣ ଶିବିର

ବାଙ୍କୀ,୨୮।୧୨(ବି.ପ୍ର)- ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଙ୍କୀ ଆଞ୍ଚଳିକ ଆଦିବାସୀ ହରିଜନ କଲ୍ୟାଣ ପରିଷଦ ପକ୍ଷରୁ ୩ଦିବସୀୟ ୱାର୍ଡ ସଭ୍ୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଳାଗଣ୍ଡ,ସୁବର୍ଣ୍ଣପୁର ଓ ବରପୁଟ ପଞ୍ଚାୟତର ୪୫ଜଣ ଓାର୍ଡ ସଭ୍ୟସଭ୍ୟା ଏଥିରେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ କେଶବ ଚନ୍ଦ୍ର ବେହେରା ଯୋଗଦେଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ବିଭିନ୍ନ ସରକାରୀ ଯୋଜନାକୁ କ୍ରୀୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତସ୍ତରରେ କାର୍ଯ୍ୟକ୍ରମ ପରିଚାଳନା ବେଳେ ଠିକ୍ ସହଯୋଗ ଓ ସହଭାଗିତାର ଜରୁରି ବୋଲି ଆଲୋକପାତ କରିଥିଲେ। ଦେବଦତ୍ତ ମଳୟ କୁମାର ବରାଳ, ଡଃ. ସହଦେବ ସ୍ୱାଇଁ ୱାର୍ଡ ସଭ୍ୟମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ଯୋଗଦେଇଥିବା ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ସଞ୍ଚୋଳକ ବରେନ୍ଦ୍ର ବେହେରା,ଶଶିଚାନ୍ଦ ମହାପାତ୍ର ଓ ରାକେଶ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଭିତ୍ତିଭୂମିର ବିକାଶରେ ଶିକ୍ଷା ହିଁ ମାଧ୍ୟମ

ମାହାଙ୍ଗା, ୨୮।୧୨(ସ୍ୱ.ପ୍ର.)- ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଭେଡା ପଞ୍ଚାୟତସ୍ଥିତ ଚୌଧୁରୀ ରାଧାନାଥ ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦର ଉନବିଂଶତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ବିଶିଷ୍ଟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ମୁଖ୍ୟବକ୍ତାଭାବେ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ଯୋଗଦେଇ ଥିଲେ। ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଭାସ୍କର ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା,ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଶୁଭଦର୍ଶିନୀ ଓ ଦୁର୍ଗାପ୍ରସନ୍ନ ମିଶ୍ର ଯୋଗଦେଇଥିଲେ। ସୁସାହିତ୍ୟିକ ବିଶ୍ୱେଶ୍ୱର ମହାନ୍ତି ଅତିଥି ପରିଚୟ ଓ ମନୋରଞ୍ଜନ ବାରିକ ବିବରଣୀ ପାଠ କରିଥିଲେ। ନଗେନ୍ଦ୍ରନାଥ ଶତପଥି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକିଶୋର ଜେନା, ଭିକାରୀ ଚରଣ ସ୍ୱାଇଁ, ଏବିଇଓ ମଦନମୋହନ ମଲ୍ଲ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଅମଳ ଧାନ ବିକି ନ ପାରି ଚିନ୍ତାରେ ଚାଷୀ

ବାଙ୍କୀ, ୨୮।୧୨(ସ୍ୱ.ପ୍ର.)

- ଖୋଲାରେ ରହିଛି ଧାନବସ୍ତା
- ଅନଲାଇନ୍‌ରେ ଟୋକନ ଆବେଦନ କରିପାରୁନାହାନ୍ତି ଚାଷୀ



ଚାଷୀମାନେ ବିକ୍ରି ଉଦ୍ଦେଶ୍ୟରେ ରଖିଥିବା ଧାନବସ୍ତା।

ଡମପଡ଼ା ବ୍ଲକରେ ବହୁ ଚାଷୀ ଅମଳ ଧାନ ବିକି ନପାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେଉଁଠି ଧାନମଣ୍ଡି ଖୋଲୁ ନଥିବା ଯୋଗୁ ଚାଷୀମାନେ ସମସ୍ୟାରେ ପଡୁଥିବା ବେଳେ ଅନ୍ୟ କେଉଁଠି ସରକାରଙ୍କ ପକ୍ଷରୁ ନୂତନ ଭାବେ କରାଯାଇଥିବା ଟୋକନର ଅବ୍ୟବସ୍ଥା ଯୋଗୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି।

ସୂଚନାଯୋଗ୍ୟ, ଏହି ବ୍ଲକ ଅନ୍ତର୍ଗତ ବିଲିପଡା ସେବା ସମବାୟ ସମିତିରେ ଏପର୍ଯ୍ୟନ୍ତ ଧାନମଣ୍ଡି ଖୋଲି ନଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ଅଦିନିଆ ବର୍ଷା ଓ କୋହଲା ପାଗଯୋଗୁ ସେମାନେ ଚିନ୍ତିତ ହୋଇପଡିଛନ୍ତି। ବିଲ, ଗାଁ ରାସ୍ତା ଓ ପିଣ୍ଡାରେ ଚାଷୀ ଧାନବସ୍ତା ଥୋଇ ମଣ୍ଡି ଖୋଲିବାକୁ ଜଗି ବସିଛନ୍ତି। ଧାନ ଘୋଡାଇବାକୁ ପାଖରେ ପାଲ ନ ଥିବାରୁ ଅଧିକାଂଶ ଚାଷୀ ଖୋଲାରେ ଧାନ ବସ୍ତା ଥୋଇଛନ୍ତି। ଅନେକ ଚାଷୀ ସେବାସମବାୟ ସମିତି ଅବା ହାତ ଉଧାରି ଋଣ ଆଣି ଧାନ ଫସଲ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଧାନ ବିକ୍ରି ହୋଇପାରି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏସମ୍ପର୍କରେ ବିଲିପଡା ସେବା ସମବାୟ ସମିତି ସମ୍ପାଦକ ବିଜୟ କୁମାର ପ୍ରଧାନ କହିଛନ୍ତି, ଗତ ଡିସେମ୍ବର ୨୦ରେ ୧୩ଜଣ ଚାଷୀଙ୍କୁ ଧାନ ବିକ୍ରୟ ପାଇଁ ଟୋକନ ଦିଆଯାଇଛି। ସେହିପରି ୨୭ତାରିଖରେ ୯ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଚାଷୀ ଧାନ ବିକ୍ରି ପାଇଁ ସମିତିକୁ ଆସିନାହାନ୍ତି। ତେଣୁ ଚାଷୀ ଧାନ ବିକ୍ରି ପାଇଁ ଆସି ଫେରାଯାଇଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି। ସେହିପରି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଡମପଡ଼ା ଶାଖାର ପଦନପୁର ସେବାସମବାୟ ସମିତିରେ ଟୋକନ ବଣ୍ଟନରେ ଅବ୍ୟବସ୍ଥା ଯୋଗୁ ବହୁ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି। କିଛି ରାଜନୈତିକ ଓ କ୍ଷମତାଶାଳୀ ବ୍ୟକ୍ତି ଧାନ ବିକ୍ରି ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆଗୁଆ ଟୋକ୍‌ନ ଆବେଦନ କରିଦେଉଛନ୍ତି। ମାତ୍ର ବହୁ ଚାଷୀ ଓ ଭାଗ ଚାଷୀ ଅନଲାଇନ୍ ବ୍ୟବସ୍ଥାରେ ଟୋକନ ଆବେଦନ କରି ନପାରି ହଇରାଣ ହେଉଛନ୍ତି। ସମିତି ସମ୍ପାଦକ ସେମାନଙ୍କୁ ସହଯୋଗ କରୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହାର ସୁଯୋଗ ନେଇ କିଛି ବ୍ୟବସାୟୀ ଓ ଦଲାଲ୍ ଚାଷୀଙ୍କୁ ଧାନ ବିକିବା ପାଇଁ ପ୍ରଲୋଭିତ କରୁଛନ୍ତି। ଏଥିପାଇଁ କୁଇଣ୍ଟାଲ୍ ପିଛା ୩୦୦ ଟଙ୍କା ଅଧିକ ଦେବାକୁ ଚାଷୀଙ୍କୁ କୁହାଯାଉଛି। ଆଉ କିଛି ଚାଷୀ ଧାନ ବିକ୍ରି ଟୋକନ ପାଇଁ ଦରଖାସ୍ତ ଆବେଦନ କରିଥିଲେ ମଧ୍ୟ ସେମାନଙ୍କର ଧାନ ନ ଥିବା ଜଣାପଡିଛି। ଏହା ଫଳରେ କଳାବଜାରିମାନଙ୍କୁ ସୁଯୋଗ ଦିଆଯାଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ସେବା ସମବାୟ ସମିତି ସମ୍ପାଦକ ଭାଗ୍ୟଧର ମିଶ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ପ୍ରଣିତ ଆଇନ୍ ଅନୁସାରେ ଓ ଯୋଗାଣ ବିଭାଗର ତତ୍ତ୍ୱାବଧାନରେ ଅନଲାଇନ୍ ମାଧ୍ୟମରେ ଟୋକନ ବଣ୍ଟନ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ସମିତି ମାଧ୍ୟମରେ ଡିସେମ୍ବର ୨୦ରେ ୧୯ଜଣ ଚାଷୀଙ୍କ ଠାରୁ ଟୋକନ ମାଧ୍ୟମରେ ୫୮୨ କୁଇଣ୍ଟାଲ ଓ ୨୭ ତାରିଖରେ ୨୪ଜଣଙ୍କ ଠାରୁ ୬୪୨ କୁଇଣ୍ଟାଲ ଧାନ କିଣାଯାଇଛି ବୋଲି ମିଶ୍ର କହିଛନ୍ତି। ଚାଷୀଙ୍କ ଅଭିଯୋଗ ସମ୍ପର୍କରେ ବାଙ୍କୀ ସମବାୟ ସର୍କଲର ଏଆର.ସିଏସ୍ ସରୋଜକାନ୍ତ ଜେନା କହିଛନ୍ତି, ଅଭିଯୋଗ ମିଳିଛି। ଏହାର ତଦନ୍ତ କରାଯାଇ ଜମିମାଲିକଙ୍କ ଠାରୁ ସହମତି ଲେଖା ଆଣିବା ପରେ ସେମାନଙ୍କୁ ଟୋକନ ଦେବାର ବ୍ୟବସ୍ଥା କରାଯିବ।

# ସାଇକେଲରେ ବଡ଼ମ୍ବାରୁ ଅଂଶୁପା ଯାତ୍ରା



ସାଇକେଲରେ ପହଞ୍ଚିଥିବା ଅଭିଯାତ୍ରୀ ଦଳ।

ବାଙ୍କୀ, ୨୮।୧୨(ବି.ପ୍ର)

ବଡମ୍ବା ବ୍ଲକର ମା'ଅନନ୍ତ କୁମାରୀ ଡିଫେନ୍ସ କ୍ଲବ ଆନୁକୂଲ୍ୟରେ ୫୦ଜଣ ଯୁବତୀ ଯୁବକ ସାଇକେଲ ଯୋଗେ ବାଙ୍କୀ ବ୍ଲକ ଦେଇ ପ୍ରବାହିତ ଅଂଶୁପା ଅଭିମୁଖେ ଯାତ୍ରା କରିଥିଲେ। ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ଖେଳ ପଡିଆରେ ପହଁଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଛି। ବଡମ୍ବା ବ୍ଲକ ଅନ୍ତର୍ଗତ କଙ୍କଡାଜୋଡି ଗ୍ରାମ ସ୍ଥିତ ମା'ଅନନ୍ତକୁମାରୀ ମନ୍ଦିର ପରିସରରୁ ଏହି ସାଇକେଲ ଯାତ୍ରା ବାହାରି ଥିଲା। ଶୁଭେନ୍ଦୁ କୁମାର ସାଥୁଆ ଏବଂ ପ୍ରକାଶ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ବାଉଁଶପୁଟ-ବନ୍ଦାଳ-ରତାଗଡ ରାସ୍ତାରେ ଦୀର୍ଘ ୨୫କିମି ଯାତ୍ରା କରି ଅଭିଯାତ୍ରୀ ଦଳ ସୁସ୍ଥ ସମାଜ ଓ ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଥିଲେ। ଦୈନିକ ସାଇକେଲ ବ୍ୟବହାର ସହ ପ୍ରଦୂଷଣ ମୁକ୍ତ ଗାଁ ପାଇଁ ସ୍ଲୋଗାନ ଦେଇଥିଲେ। ଅଭିଯାତ୍ରୀ ଦଳ ମହାବିଦ୍ୟାଳୟରେ ପହଁଞ୍ଚିବା ପରେ ସୁବର୍ଣ୍ଣପୁର ସରପଞ୍ଚ ତରୁଣ କୁମାର ମହାପାତ୍ର ଅଭିଯାତ୍ରୀଙ୍କୁ ସ୍ୱାଗତ କରଥିଲେ। ସ୍ଥାନୀୟ ସାମାଜିକ କର୍ମୀ ମାନଭଞ୍ଜନ ଦଳାଇ,ବିଶ୍ୱଜିତ୍ ପଟ୍ଟନାୟକ, ମନୋଜ ଦଳେଇ,ଶୁଭେନ୍ଦୁ ମହାପାତ୍ର, ଗୌରାଙ୍ଗ ବେହେରା, ପ୍ରଦୀପ କୁମାର ଜେନା ଓ କାହ୍ନୁ ବେହେରା ପ୍ରମୁଖ ଉପସ୍ଥିତ ରହି ଅଭିଯାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଦସ୍ୟ ସୁବାଷ ଚନ୍ଦ୍ର ବାରିକ ଓ କିଶୋର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଶ୍ଚିନ୍ତକୋଇଲି ଠିକାଦାର ସଙ୍ଘ ବୈଠକ

# କମ ଦରରେ ଟେଣ୍ଡର ନ ପକାଇବାକୁ ନିଷ୍ପତ୍ତି

ନିଶ୍ଚିନ୍ତକୋଇଲି,୨୮।୧୨(ସ୍ୱ.ପ୍ର)



ବୈଠକରେ ଯୋଗ ଦେଇଥିବା ଠିକାଦାର ସଂଘର ସଦସ୍ୟ।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଠିକାଦାର ସଙ୍ଘର ଏକ ସ୍ୱତନ୍ତ୍ର ବୈଠକ ଅହେମ୍ମଦ ବକ୍ସ ମିନି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଙ୍ଘର ସଭାପତି ଦିବାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସମ୍ପାଦକ ମିହିର କୁମାର ମିଶ୍ର ଅଲ ଓଡିଶା ଠିକାଦାର ସଙ୍ଘର ୧୦ ଦଫା ଦାବି ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲା। ସରକାର ଏପର୍ଯ୍ୟନ୍ତ ସଂଘ ପକ୍ଷରୁ ଦିଆଯାଇଥିବା ଦାବିଗୁଡିକୁ ଗ୍ରହଣ କରି ନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ସରକାରଙ୍କ ପକ୍ଷରୁ ବାହାରୁଥିବା ଟେଣ୍ଡରରେ ନିର୍ଦ୍ଧାରିତ ଦରଠାରୁ କମ୍ ଦରରେ ସଂଘର କୌଣସି ସଦସ୍ୟ ନ ପକାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତିକୁ ବ୍ଲକର ସମସ୍ତ ଠିକାଦାର ମାନିନେବାକୁ ବାଧ ବୋଲି ଏଥିରେ କୁହାଯାଇଥିଲା। କାରଣ ସରକାର ପକ୍ଷରୁ ୨୦୧୪ରେ ନିର୍ଦ୍ଧାରଣ ହୋଇଥିବା ଗୋଡି, ଲୁହା ରଡ, ସିମେଣ୍ଟ ଓ ବାଲିର ଦର ଏପର୍ଯ୍ୟନ୍ତ ବୃଦ୍ଧି କରାଯାଇନାହିଁ। ଏଥିସହ ଶ୍ରମିକମାନଙ୍କ ପାରିଶ୍ରମିକ ଖର୍ଚ୍ଚ ମଧ୍ୟ ବୃଦ୍ଧି କରାଯାଉନାହିଁ। ଫଳରେ ଠିକାସଂସ୍ଥା ପକ୍ଷରୁ ବିଭିନ୍ନ ସରକାରୀ କାମ କରିବା କଷ୍ଟସାଧ୍ୟ ହୋଇପଡିଛି। ଏଥିଯୋଗୁ ଏହାର ସଂଶୋଧନ ଆବଶ୍ୟକ ବୋଲି ସଙ୍ଘର କର୍ମକର୍ତାମାନେ ଦାବି କରିଛନ୍ତି। ଆୟୋଜିତ ବୈଠକରେ ସଙ୍ଘର କୋଷାଧ୍ୟକ୍ଷ ମୀନକେତନ ଷଡ଼ଙ୍ଗୀ, ସଭ୍ୟ ଜିବନ ଦାସ, ଅଜୟ ବେହେରା, ସୁରେନ୍ଦ୍ର ସାହୁ, ପ୍ରଦିପ୍ତ ରାଉତ, ରଶ୍ମିରଞ୍ଜନ ଦାସ, ସଞ୍ଜୟ ଷଡ଼ଙ୍ଗୀ ଓ ସୁନାକର ସାହୁଙ୍କ ସମେତ ବହୁ ଠିକାଦାର ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ଉନୟନ ମୂଳକ କାର୍ଯ୍ୟ ଓ ବିଭିନ୍ନ ବିଭାଗର କାର୍ଯ୍ୟ ଶୈଳି ଉପରେ ଆଲୋଚନା ହୋଇଥିଲା।

## ସନ୍ଧ୍ୟା ହେଲେ ଜନବସତିମୁହାଁ ହାତୀ

# ଘଉଡ଼ାଇବାରେ ବିଫଳ ବନ ବିଭାଗ

ଚୌଦ୍ୱାର, ୨୮।୧୨(ଡି.ଏନ୍.ଏ.)

ମଙ୍ଗଳପୁର କାଜୁ ଜଙ୍ଗଲରେ ରହିଥିବା ହାତୀ ପଲ୍ଲ ସନ୍ଧ୍ୟା ହେଲେ ଚୌଦ୍ୱାର ପୌରପାଳିକା ଓ ଏହାର ଆଖପାଖ ଗ୍ରାମାଞ୍ଚଳ ମହାଁଉଛନ୍ତି। ବ୍ୟାପକ ଫସଲ ନଷ୍ଟ କରୁଥିବା ବେଳେ ଲୋକମାନେ ଭୟରେ ରହୁଛନ୍ତି। ହାତୀ ଘଉଡ଼ାଇ ଧନ ଜୀବନ ସୁରକ୍ଷା ଦିଗରେ ପଦକ୍ଷେପ ନେବା ବଦଳରେ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ସୂଚନା ଅନୁଯାୟୀ, ଗତ ବୁଧବାର ୨ଟି ହାତୀ ଚୌଦ୍ୱାର ସହରରେ ପଶିଥିବା ବେଳେ ଶୁକ୍ରବାର ରାତିରେ ଆଗ୍ରାହାଟ ଗ୍ରାମରେ ବଣୁଆ ହାତୀଙ୍କ ଏକ ପଲ ପଶିଯାଇଥିଲା। ବିଦ୍ୟୁତ୍ ସଂଯୋଗ କଟାଯିବା ପରେ ଗ୍ରାମବାସୀ ଓ ବନ ବିଭାଗ କର୍ମଚାରୀଙ୍କ ଉଦ୍ୟମରେ ହାତୀ ପଲଙ୍କୁ ଘଉଡ଼େଇବାର ସଫଳ ହୋଇଥିଲେ। ହାତୀଗୁଡ଼ିକ ଗ୍ରାମରେ ପଶିବା ସହିତ ଧାନ ଫସଲ ନଷ୍ଟ ଦେଇଛନ୍ତି। ହାତୀ ପଲ ଏବେ ମଙ୍ଗଳପୁର କାଜୁ ଜଙ୍ଗଲରେ ରହିବା ସହିତ ରାତି ହେଲେ ଗ୍ରାମ ମୁହାଁ ହେଉଥିବାରୁ ଶଙ୍କରପୁର, ମଙ୍ଗଳପୁର, ଆଗ୍ରାହାଟ, ଜେମାଦେଈପୁର, ବରହମପୁର, ବାଣୀପଦା, ବନ୍ଦାଳ, ବାଲିଚନ୍ଦ୍ରୁରୀ ଚାଙ୍ଗୁଡ଼ିଆ ଗ୍ରାମର ଲୋକେ ଭୟରେ ରାତ୍ରିଯାପନ କରୁଛନ୍ତି। ଏହି ଅଞ୍ଚଳରେ ୧୮ରୁ ଅଧିକ ହାତୀ ଆତଙ୍କ ସୃଷ୍ଟି କରୁଥିବା ବେଳେ ହାତୀପଲକୁ ଘଉଡ଼େଇବାରେ ସ୍ଥାନୀୟ ବନ ବିଭାଗ ବିଫଳ ହୋଇଛ। ହାତୀଙ୍କ ଉପରେ ନଜର ରଖାଯାଇଛି ବୋଲି ବନପାଳ ବାରମ୍ବାର ସଫେଇ ଦେଉଛନ୍ତି। ହାତୀପଲଙ୍କୁ ଜଙ୍ଗଲାଭିମୁଖୀ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ବନପାଳ ଜ୍ୟୋତିରଞ୍ଜନ ମହାପାତ୍ର କହିଛନ୍ତି।

# ପ୍ୟାରୀମୋହନ ଯୁବ ନେତୃତ୍ୱର ପ୍ରତୀକ ଥିଲେ

ମାହାଙ୍ଗା, ୨୮।୧୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ୍ ପଶୁଲୁଣ୍ଡାସ୍ଥିତ ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟା ନିକେତନ ପରିସରରେ ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ୧୩୮ ତମ ସ୍ମୃତି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଆଚାର୍ଯ୍ୟ ପ୍ୟାରୀମୋହନ ଯୁବ ନେତୃତ୍ୱର ପ୍ରତୀକ ଥିଲେ ବୋଲି କହିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତାରିଣୀ ପ୍ରସାଦ ପୁହାଣଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତାଭାବେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ,ସମ୍ମାନିତ ଅତିଥିଭାବେ ବ୍ଲକ୍ ଉପାଧ୍ୟକ୍ଷା ରଶିଦା ବେଗମ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ କନକଲତା ବେହେରା ,ଜିଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ପୂର୍ବତନ ପ୍ରଧାନଶିକ୍ଷକ ଅଭୟ ଚରଣ ପଣ୍ଡା, ସମିତିସଭ୍ୟା ଚାରୁଲତା ନିହାଣ,ଭାରପ୍ରାପ୍ତ ସରପଞ୍ଚ ରାଜେଶ କୁମାର ବେହେରା ଓ ରଞ୍ଜିତା ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ଦିବାକର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଭଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ମମତା ମହାପାତ୍ର, କ୍ଷେତ୍ରମୋହନ ସାହୁ, ଜଗଦିଶ ମହାନ୍ତି, ବିଷ୍ଣୁଚରଣ ବାରିକ, ଗୌରାଙ୍ଗ ଜେନା, ଗୋବିନ୍ଦ ନିହାଣ, ପୂର୍ବତନ ସରପଞ୍ଚ ଧନେଶ୍ୱର ସେନାପତି ଓ ସାମାଜିକ କର୍ମୀ ଯଦୁନାଥ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସଭା ପ୍ରାରମ୍ଭରେ ପ୍ୟାରୀମୋହନ ଯୁବ ପରିଷଦର ନୂତନ ଗୃହକୁ ମନ୍ତ୍ରୀ ଜେନା ଉଦ୍‌ଘାଟନ କରିଥିଲେ।

# ସିଏଏ ସମର୍ଥନରେ ପଦଯାତ୍ରା




ସିଏଏ ସମର୍ଥନରେ ଆୟୋଜିତ ପଦଯାତ୍ରା।

କଟକ ଅଫିସ, ୨୮।୧୨

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ସ୍ୱାଗତ ଓ ସମର୍ଥନ କରି ଭାରତୀୟ ଜନତା ଯୁବମୋର୍ଚ୍ଚା କଟକ ନଗରର ସଭାପତି ସ୍ୱାଧୀନ ମହାନ୍ତିଙ୍କ ନେତୃତ୍ୱରେ ଶନିବାର ଏକ ପଦଯାତ୍ରା ଅନୁଷ୍ଠିତ ହେଇଯାଇଛି। ଏହି ପଦଯାତ୍ରା ଚଣ୍ଡିମନ୍ଦିର ଛକ ନିକଟରୁ ବାହାରି ଗୌରୀଶଙ୍କର ପାର୍କ ପର୍ଯ୍ୟନ୍ତ ହୋଇଥିଲା। ପରେ ପାର୍କ ସମ୍ମୁଖରେ ଅନୁଷ୍ଠିତ ସାଧାରଣ ସଭାରେ ଉପସ୍ଥିତ ଜନତା ଏହି ଆଇନକୁ ସମର୍ଥନ କରିବା ସହ ବିରୋଧୀ ଦଳଗୁଡିକ ଏହାକୁ ନେଇ ହୀନ ରାଜନୀତି କରୁଥିବା ଅଭିଯୋଗ କରି ଦୃଢ ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ପ୍ରଧାନ, ରଞ୍ଜିତା ନାୟକ, ସୁକାନ୍ତ ବିଶ୍ୱାଳ, ରାଜେନ୍ଦ୍ର ସାମଲ, ଲଲାଟେନ୍ଦୁ ଦାସ, ସାର୍ଥକ ରାୟ, ଗଗନ ଓଝା, କୀର୍ତ୍ତି ପଟ୍ଟନାୟକ, ଦେବାଶିଷ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଡ. ମହେନ୍ଦ୍ର ରାଉତଙ୍କ ତୈଳଚିତ୍ର ଉନ୍ମୋଚିତ



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କଟକ ଅଫିସ,୨୮।୧୨

କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଶିକ୍ଷାବିତ୍ ଡ. ମହେନ୍ଦ୍ର ରାଉତଙ୍କ ତୈଳଚିତ୍ର ଉନ୍ମୋଚିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ ଏହାକୁ ଉତ୍ସବକୁ ଉଦ୍‌ଘାଟନ କରି ତାଙ୍କ ସାହିତ୍ୟ ସାଧନାରେ ଡ. ରାଉତଙ୍କ ପ୍ରେରଣା ରହିଥିଲା ବୋଲି କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ରାଉତ ଓଡ଼ିଶାର ଜଣେ ସୁଦକ୍ଷ ଶିକ୍ଷା-ପ୍ରଶାସକ ଓ ସମ୍ବେଦନଶୀଳ ସୁମଣିଷ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିବିଭାଗର ନିର୍ଦ୍ଦେଶକ ଡ. ବିଜୟ କୁମାର ନାୟକ ମୁଖ୍ୟବକ୍ତା, ଶିକ୍ଷାବିତ୍ ପ୍ରଫେସର ପ୍ରଭାତ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଡ. ସୁନାମଣି ରାଉତ ଅତିଥି ଆମନ୍ତ୍ରଣ, ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ମହେନ୍ଦ୍ର କୁମାର ରାଉତଙ୍କ ପୁତ୍ର ପ୍ରଫେସର ସ୍ୱୟଂପ୍ରକାଶ ରାଉତ, ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁରଙ୍କ ସମେତ ଛାତ୍ରୀଛାତ୍ର, ଶିକ୍ଷାବିତ୍, ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ବକେୟା ବିଲ୍ ଆଦାୟ ପାଇଁ ତତ୍ପର ସେସୁ

କଟକ ସଦର,୨୮।୧୨(ଡି.ଏନ୍.ଏ.):

କଟକ ସଦର ବିଦ୍ୟୁତ୍ ଡିଭିଜନ ନଂ.୨ ଅନ୍ତର୍ଗତ ୩ଟି ବିଦ୍ୟୁତ୍ ସେକ୍ସନର ଉପଭୋକ୍ତାଙ୍କ ଉପରେ ପ୍ରାୟ ୧୪କୋଟି ୫୪ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ରହିଛି। ଜାନୁୟାରୀ ୧୫ ସୁଦ୍ଧା ବକେୟା ବିଲ୍ ଆଦାୟ ପାଇଁ ସେସୁ ପକ୍ଷରୁ ତତ୍ପରତା ଦେଖାଯାଇଛି। ଏଥି ଲାଗି ସେକ୍ସନ ଅଫିସରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ଅନ୍ୟପକ୍ଷେ ସେସୁକୁ ଟାଟା ପାୱାର ଅଧିଗ୍ରହଣ କରିବା ପରେ ଉପଭୋକ୍ତାମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ୪୨ମୌଜା ବିଦ୍ୟୁତ୍ ସେକ୍ସନରେ ୮ହଜାର ଉପଭୋକ୍ତାଙ୍କ ଉପରେ ୫କୋଟି ୬୯ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ଥିବା ବେଳେ କନ୍ଦରପୁରର ୭ହଜାର ଉପଭୋକ୍ତାଙ୍କ ୫କୋଟି ୭୫ଲକ୍ଷ ଟଙ୍କା ଏବଂ କିଶନ୍‌ନଗରର ୬ହଜାର ଉପଭୋକ୍ତାଙ୍କ ଉପରେ ୩କୋଟି ୧୦ ଲକ୍ଷ ଟଙ୍କାର ବକେୟା ରହିଛି। ଏମାନଙ୍କ ମଧ୍ୟରେ ବହୁ ଉପଭୋକ୍ତା ବର୍ଷ ବର୍ଷ ଧରି ବିଲ୍ ପଇଠ କରି ନ ଥିଲେ। ଫଳରେ ଲକ୍ଷାଧିକ ଟଙ୍କା ବିଲ୍ ବକେୟା ରହିଥିଲା। ୨୦୦୯-୧୦ ଆର୍ଥିକ ବର୍ଷରେ ସେସୁ ଦ୍ୱାରା ଆପୋସ ସମାଧାନ ଦ୍ୱାରା ବକେୟା ବିଲ୍ ପଇଠ ସୁଯୋଗ ଦିଆଯାଇଥିଲା। ଏକକାଳୀନ ବିଲ୍ ପଇଠ କଲେ, ୫୦ପ୍ରତିଶତ ରିହାତି ପ୍ରଦାନ କରାଯାଇଥିଲା। ହେଲେ ସେହି ସମୟରେ ରିହାତି ପାଇବା ପରେ ପୁଣି ବିଲ୍ ପଇଠ କରିବାରେ ଅବହେଳା କରିଥିଲେ। ଯେଉଁମାନେ ଏକକାଳୀନ ବିଲ୍ ପଇଠ ନ କରିପାରିବେ, ସେମାନେ ୬ଟି କିସ୍ତିରେ ପଇଠ କରିପାରିବେ ବୋଲି ସହକାରୀ ପରିଚାଳକ ସରୋଜ କୁମାର ସାହୁ କହିଛନ୍ତି।

## ବୁହାଳ ସରପଞ୍ଚଙ୍କ ବିରୋଧରେ ଅଭିଯୋଗ

# ଜାନୁୟାରୀ ୧୩ରେ ଅନାସ୍ଥା ଭୋଟ ନିର୍ଦ୍ଦେଶ

ନିଶ୍ଚିନ୍ତକୋଇଲି, ୨୮।୧୨(ସ୍ୱ.ପ୍ର/ଡି.ଏନ୍.ଏ.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳ ପଞ୍ଚାୟତରେ ସରପଞ୍ଚଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ସରକାରୀ ଯୋଜନାର ସଦୁପୋଯୋଗ ହୋଇ ପାରୁ ନ ଥିବା ଦର୍ଶାଇ ପଞ୍ଚାୟତର ୱାର୍ଡ ସଭ୍ୟମାନେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଉପଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଏନେଇ ଉପ ଜିଲାପାଳଙ୍କ ପକ୍ଷରୁ ଜାନୁୟାରୀ ୧୩ରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇଛି। ଏହି ସମୟରେ ଅନାସ୍ଥା ଭୋଟ ହେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବୈଠକ ପରିଚାଳନା ଦାୟିତ୍ୱ ସ୍ଥାନୀୟ ତହସିଲଦାରଙ୍କୁ ଦିଆଯାଇଛି। ବୁହାଳ ପଞ୍ଚାୟତରେ ସରପଞ୍ଚ ଭାବେ ସରୋଜିନ ଦାସ ନିର୍ବାଚିତ ହୋଇଥିଲେ। ତେବେ ଦୀର୍ଘ ଅଢେଇବର୍ଷ ବିତି ଯାଇଥିଲେ ମଧ୍ୟ ପଞ୍ଚାୟତରେ କୌଣସି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ ବୋଲି ୱାର୍ଡ ସଭ୍ୟ ଅଭିଯୋଗ କରିଥିଲେ। ଏପରି କି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ପଞ୍ଚାୟତକୁ ଆସିଥିବା ଅର୍ଥର ସୁବିନିଯୋଗ ହୋଇପାରି ନାହିଁ ବୋଲି ୱାର୍ଡ ସଭ୍ୟ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ୧୭ଟି ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତର ୧୩ ଜଣ ୱାର୍ଡ ସଭ୍ୟ ଚଳିତ ମାସ ୧୮ରେ ଏକ ସ୍ୱତନ୍ତ୍ର ବୈଠକ କରିଥିଲେ। ସର୍ବ ସମ୍ମତିକ୍ରମେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ସ୍ଥିର କରାଯାଇଥିଲା। ଏହାପରେ ଡିସେମ୍ବର ୨୦ରେ ଏହି ୱାର୍ଡ ସଭ୍ୟମାନେ ଉପଜିଲାପାଳଙ୍କୁ ଭେଟି ସରପଞ୍ଚଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଉପଜିଲାପାଳ ଅଭିଯୋଗର ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ କର୍ଣ୍ଣଦେବ ସମାଦ୍ଦାର ଗତ ୨୩ ତାରିଖରେ ସମ୍ପୃକ୍ତ ୱାର୍ଡ ସଭ୍ୟମାନଙ୍କୁ ଡାକି ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେଇଥିଲେ। ଏହାପରେ ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ପତ୍ର (ନଂ ୧୩୬୭୮/୨୭-୧୨-୨୦୧୯)ରେ ଅନାସ୍ଥା ପ୍ରସ୍ତାବ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜାନୁୟାରୀ ୧୩ ପୂର୍ବାହ୍ନ ୧୧ଟାରେ ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବୈଠକ ହେବା ପାଇଁ ସେଥିରେ ଉଲ୍ଲେଖ କରାଯାଇଛି। ପଞ୍ଚାୟତିରାଜ ବିଭାଗ ଆଇନ ୨୪(୨)ଜିପି ଆକ୍ଟ ୧୯୬୪ ଅନୁଯାୟୀ ଏହି ସ୍ୱତନ୍ତ୍ର ବୈଠକ ଆଗତ କରାଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସରପଞ୍ଚ ସରୋଜିନୀ ଦାସ କୁହନ୍ତି, ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ଓ ରାଜନୈତିକ ଆକ୍ରୋଶ। ଆବଶ୍ୟକ ପଡିଲେ ଏନେଇ ସେ ଆଇନର ଆଶ୍ରୟ ନେବେ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ,
ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ। -ଭଲଟାୟର



## ସଂକ୍ଷେପରେ

### କାଫ୍‌ଲା ଫାଣ୍ଡି ନୂତନ ଗୃହ ଉଦ୍‌ଘାଟିତ

କଟକ ଅଫିସ, ୨୮।୧୨- ଲାଲବାଗ ଥାନା ଅନ୍ତର୍ଗତ କାଫଲା ଫାଣ୍ଡିର ନୂତନ ଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ସହରର ସର୍ବପୁରାତନ କାଫଲା ଫାଣ୍ଡିର କୋଠା ବିପଦସଙ୍କୁଳ ହୋଇପଡିଥିଲା। ପରେ ଏହା ସମ୍ମୁଖରେ ଓଡ଼ିଶା ପୋଲିସ ପକ୍ଷରୁ ନୂତନ ଗୃହ ନିର୍ମାଣ କରାଯାଇ ଫାଣ୍ଡି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ନୂତନ ଭାବେ ନିର୍ମିତ ଏହି କୋଠାର ଉପର ମହଲାରେ ପୋଲିସ ବାରାକ ରହିଛି। ଏହି କାର୍ଯ୍ୟକ୍ରମରେ ଡିସିପି ଅଖିଳେଶ୍ୱର ସିଂ, ସମସ୍ତ ଜୋନ୍‌ର ଏସିପିଙ୍କ ସମେତ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ।

### ଧାନମଣ୍ଡି ଉଦ୍‌ଘାଟିତ

କଣ୍ଟାପଡ଼ା,୨୮।୧୨(ଡି.ଏନ୍.ଏ.): ଶ୍ରୀଜଗନ୍ନାଥ କୃଷକ ସେବା ସମବାୟ ସମିତି ପକ୍ଷରୁ ଶନିବାର ବ୍ରାହ୍ମଣଝରିଲୋ ଠାରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ନୀରୋଦ କୁମାର ଜେନା ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୫ଜଣ ଚାଷୀଙ୍କଠାରୁ ପୁଷ୍ପା ରାଇସମିଲ ଜରିଆରେ ୧୫୦କୁଇଣ୍ଟାଲ ଧାନ କିଣାଯାଇଥିବା ସେବା ସମବାୟ ସମିତି ସମ୍ପାଦକ ପ୍ରଣୟ କୁମାର ଦାଶ କହିଛନ୍ତି। ୩୩ ନଂ. ଜୋନ୍‌ରେ ଥିବା ୮ଟି ଧାନମଣ୍ଡି ମଧ୍ୟରୁ ଉକ୍ତ ମଣ୍ଡିରେ ପ୍ରଥମେ ଧାନ ସଂଗ୍ରହ ହୋଇଥିବା ଜଣାପଡିଛି।

### ଫୁଟ୍‌ବଲ: ଫାଇନାଲ୍‌ରେ ଭୁଆସୁଣୀ କ୍ଲବ

ଖୁଣ୍ଟୁଣୀ, ୨୮।୧୨(ଡି.ଏନ୍.ଏ.): ଆଠଗଡ଼ ବ୍ଲକ ଓରନ୍ଦା ସମ୍ଭେଶ୍ୱର ଖେଳପଡ଼ିଆରେ ଅନୁଷ୍ଠିତ ମହାଦେବ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ନାରପଡ଼ା କ୍ଲବ ଓ ବିଡ଼ାନାସୀର ଭୁଆସୁଣୀ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ୧-୧ଗୋଲ୍‌ରେ ଟାଏ ରହିଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ନାରପଡ଼ା ୨ଟି ଗୋଲ୍ ଦେଇଥିବା ବେଳେ ବିଡ଼ାନାସୀ ୪ଟି ଗୋଲ୍ ଦେଇ ବିଜୟୀ ହେବା ସହ ଫାଇନାଲ୍‌ରେ ପ୍ରବେଶ କରିଛି। ରେଫରି ଭାବେ ସଞ୍ଜୀବ ଦାସ, ଲାଇନ୍‌ମ୍ୟାନ୍ ରଜାକ୍ ଖାନ୍ ଏବଂ ସଫିକ୍‌ଉଲ୍ଲା ଖାନ୍ ଖେଳ ପରିଚାଳନା କରିଥିଲେ। ଓରନ୍ଦା ଗ୍ରାମ ମୁରବି ଶ୍ୟାମସୁନ୍ଦର ପରିଜା ଓ କ୍ରୀଡ଼ାବିତ୍ ସୁବାସ ବେହେରା ଅତିଥିଭାବେ ଯୋଗଦେଇଥିଲେ।

### ଆଜବେଷ୍ଟସ୍ ବଦଳରେ ଟିଣ ଚାଦର ଦାବି

କଟକ ସଦର,୨୮।୧୨(ଡି.ଏନ୍.ଏ.): ବାତ୍ୟା 'ଫନୀ'ରେ କଟକ ଜିଲାର ସ୍କୁଲଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କଟକ ସଦର ବ୍ଲକ ପ୍ରଶାସନ ପକ୍ଷରୁ ୮୪ଟି ସ୍କୁଲର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କଟକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅର୍ଥ ମଞ୍ଜୁର କରାଯାଇଛି। କ୍ଷତିଗ୍ରସ୍ତ ସ୍କୁଲଗୁଡ଼ିକରେ ନୂଆ କିମ୍ବା ଆଜବେଷ୍ଟସ ମରାମତି ନ କରାଯାଇ ଟିଣ ଚାଦର ପକାଇବା ପାଇଁ ବିଭିନ୍ନ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ବହୁ ସ୍କୁଲରେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିବାରୁ ଆଜବେଷ୍ଟସ ମରାମତି ପିଲାଙ୍କ ପାଇଁ ନିରାପଦ ନୁହେଁ ବୋଲି ଧରିଣା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ପ୍ରଧାନ କହିଛନ୍ତି।

# 'ଶିକ୍ଷକଙ୍କ ସମୃଦ୍ଧିରେ ଓଷ୍ଟାର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ**

କଟକ ଅଫିସ, ୨୮।୧୨

ରାଜ୍ୟରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ସମୃଦ୍ଧିରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୀର୍ଘବର୍ଷ ଧରି ଏହି ଅନୁଷ୍ଠାନ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଗୁରୁଦାୟିତ୍ୱ ପାଳନ କରି ଆସୁଛି। ଏଥିପାଇଁ ଏହି ଅନୁଷ୍ଠାନ ପ୍ରଶଂସାର ପାତ୍ର। ଅନ୍ୟପକ୍ଷରେ ଶିଶୁ ଉତ୍ସବ ଆୟୋଜନ କରି ଏହି ଅନୁଷ୍ଠାନ ଓଡ଼ିଶାର ଶିଶୁ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାରେ ବେଶ୍ ସଫଳତା ହାସଲ କରିପାରିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ପୂର୍ବାହ୍ନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ଗଳ୍ପଲିଖନ, କବିତା ରଚନା, ସାଧାରଣଜ୍ଞାନ, ଆବୃତ୍ତି, ଏକକ ଅଭିନୟ ଓ ବୁଦ୍ଧି ପରୀକ୍ଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଓଷ୍ଟାର ସଭାପତି ବିନୋଦ ବିହାରୀ



ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ତଥା ପୌରୁଷ ପତ୍ରିକାର ସମ୍ପାଦକ ଡ. ଅସିତ ମହାନ୍ତି 'ଶିଶୁ ହସିଲେ ଦୁନିଆ ହସେ' ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ୍ ଯୋଗଦେଇ ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁଉତ୍ସବ ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖିକା ଛନ୍ଦା ମିଶ୍ର, ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା, ଶିକ୍ଷାପ୍ରଦୀପ ସମ୍ପାଦକ ଭିକାରି ଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଓଷ୍ଟା ମେଧାବୃତ୍ତି ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସମ୍ପାଦକ ଅକ୍ଷୟ କୁମାର ହୋତା ମେଧାବୃତ୍ତି ପରୀକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମେଧାବୃତ୍ତି ପରୀକ୍ଷାରେ ଯାଜପୁର ଜିଲାର ଛାତ୍ର ମନୀଷ କୁମାର ସେନାପତି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ସହ ଅନ୍ୟ ଶ୍ରେଷ୍ଠ ବିବେଚିତ ୧୨୧ଜଣ ପ୍ରତିଯୋଗୀଙ୍କୁ ଆଗାମୀ ଦିନରେ ସମ୍ବର୍ଦ୍ଧିତ କରାଯିବ ବୋଲି ଉତ୍ସବରେ ଘୋଷଣା କରାଯାଇଥିଲା। ଏଥିସହ କ୍ଷୀରୋଦ କୁମାର ରାଉତଙ୍କୁ ଦିବ୍ୟସିଂହ ପଟ୍ଟନାୟକ ସମ୍ମାନ, ଗଜପତି ଜିଲା ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଅବନୀ ବରାଳ ସମ୍ମାନ, ଓଷ୍ଟାର ଉପସଭାପତି ରାମକୃଷ୍ଣ ସାବତଙ୍କୁ କୈଳାସ ଚନ୍ଦ୍ର ମହାପାତ୍ର କୃତୀ ସଙ୍ଗଠକ ସମ୍ମାନ, ରାଉରକେଲା ସିଟି ଜୋନ୍ ସମ୍ପାଦକ ଅରୁଣ କୁମାର ସ୍ୱାଇଁଙ୍କୁ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ସ୍ମୃତି ଶିକ୍ଷା ସାଧକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ପ୍ରାକ୍ତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ଶିଶୁ ବୈଜ୍ଞାନିକ ଅଭିଜିତ୍ ପାଗଳ ଓ ପ୍ରଜ୍ଞା ପାରମିତା ନାୟକ, ପ୍ରତିଷ୍ଠିତ ଚେସ୍ ଖେଳାଳି ମହିତୋଷ ଦେ (ଫିଡେ ମାଷ୍ଟର)ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର ସହ ସମ୍ପାଦକ ଶଙ୍କର ସୁବୁଦ୍ଧି ଅତିଥି ପରିଚୟ ଓ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।



କଟକ ଶାରଳା ଭବନରେ ପ୍ରଫେସର କମଳ କୁମାରୀ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

## ବକେୟା ବିଲ୍ ଆଦାୟ ପାଇଁ ତତ୍ପର ସେସୁ

କଟକ ସଦର,୨୮।୧୨(ଡି.ଏନ୍.ଏ.):

କଟକ ସଦର ବିଦ୍ୟୁତ୍ ଡିଭିଜନ ନଂ.୨ ଅନ୍ତର୍ଗତ ୩ଟି ବିଦ୍ୟୁତ୍ ସେକ୍ସନର ଉପଭୋକ୍ତାଙ୍କ ଉପରେ ପ୍ରାୟ ୧୪କୋଟି ୫୪ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ରହିଛି। ଜାନୁୟାରୀ ୧୫ ସୁଦ୍ଧା ବକେୟା ବିଲ୍ ଆଦାୟ ପାଇଁ ସେସୁ ପକ୍ଷରୁ ତତ୍ପରତା ଦେଖାଯାଇଛି। ଏଥି ଲାଗି ସେକ୍ସନ ଅଫିସରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ଅନ୍ୟପକ୍ଷେ ସେସୁକୁ ଟାଟା ପାୱାର ଅଧିଗ୍ରହଣ କରିବା ପରେ ଉପଭୋକ୍ତାମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ୪୨ମୌଜା ବିଦ୍ୟୁତ୍ ସେକ୍ସନରେ ୮ହଜାର ଉପଭୋକ୍ତାଙ୍କ ଉପରେ ୫କୋଟି ୬୯ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ଥିବା ବେଳେ କନ୍ଦରପୁରର ୭ହଜାର ଉପଭୋକ୍ତାଙ୍କ ୫କୋଟି୭୫ଲକ୍ଷ ଟଙ୍କା ଏବଂ କିଶନ୍‌ନଗରର ୬ହଜାର ଉପଭୋକ୍ତାଙ୍କ ଉପରେ ୩କୋଟି ୧୦ ଲକ୍ଷ ଟଙ୍କାର ବକେୟା ରହିଛି। ଏମାନଙ୍କ ମଧ୍ୟରେ ବହୁ ଉପଭୋକ୍ତା ବର୍ଷ ବର୍ଷ ଧରି ବିଲ୍ ପଇଠ କରି ନ ଥିଲେ। ଫଳରେ ଲକ୍ଷାଧିକ ଟଙ୍କା ବିଲ୍ ବକେୟା ରହିଥିଲା। ୨୦୦୯-୧୦ ଆର୍ଥିକ ବର୍ଷରେ ସେସୁ ଦ୍ୱାରା ଆପୋସ ସମାଧାନ ଦ୍ୱାରା ବକେୟା ବିଲ୍ ପଇଠ ସୁଯୋଗ ଦିଆଯାଇଥିଲା। ଏକକାଳୀନ ବିଲ୍ ପଇଠ କଲେ, ୫୦ପ୍ରତିଶତ ରିହାତି ପ୍ରଦାନ କରାଯାଇଥିଲା। ହେଲେ ସେହି ସମୟରେ ରିହାତି ପାଇବା ପରେ ପୁଣି ବିଲ୍ ପଇଠ କରିବାରେ ଅବହେଳା କରିଥିଲେ। ଯେଉଁମାନେ ଏକକାଳୀନ ବିଲ୍ ପଇଠ ନ କରିପାରିବେ, ସେମାନେ ୬ଟି କିସ୍ତିରେ ପଇଠ କରିପାରିବେ ବୋଲି ସହକାରୀ ପରିଚାଳକ ସରୋଜ କୁମାର ସାହୁ କହିଛନ୍ତି।



ନାଗରିକ ସଂଶୋଧନ ଆଇନକୁ ସମର୍ଥନ କରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କଟକ ଚଣ୍ଡି ମନ୍ଦିର ଛକରୁ ବାହାରିଥିବା ପଦଯାତ୍ରା ।

## ସିଏଏ ସମର୍ଥନରେ ପଦଯାତ୍ରା

କଟକ ଅଫିସ, ୨୮।୧୨

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ସ୍ୱାଗତ ଓ ସମର୍ଥନ କରି ଭାରତୀୟ ଜନତା ଯୁବମୋର୍ଚ୍ଚା କଟକ ନଗରର ସଭାପତି ସ୍ୱାଧୀନ ମହାନ୍ତିଙ୍କ ନେତୃତ୍ୱରେ ଶନିବାର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଚଣ୍ଡିମନ୍ଦିର ଛକ ନିକଟରୁ ବାହାରି ଗୌରୀଶଙ୍କର ପାର୍କ ପର୍ଯ୍ୟନ୍ତ ହୋଇଥିଲା। ପରେ ପାର୍କ ସମ୍ମୁଖରେ ଅନୁଷ୍ଠିତ ସାଧାରଣ ସଭାରେ ଉପସ୍ଥିତ ଜନତା ଏହି ଆଇନକୁ ସମର୍ଥନ କରିବା ସହ ବିରୋଧୀ ଦଳଗୁଡିକ ଏହାକୁ ନେଇ ହୀନ ରାଜନୀତି କରୁଥିବା ଅଭିଯୋଗ କରି ଦୃଢ଼ ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ପ୍ରଧାନ, ରଞ୍ଜିତା ନାୟକ, ସୁକାନ୍ତ ବିଶ୍ୱାଳ, ରାଜେନ୍ଦ୍ର ସାମଲ, ଲଲାଟେନ୍ଦୁ ଦାସ, ସାର୍ଥକ ରାୟ, ଗଗନ ଓଝା, କୀର୍ତ୍ତି ପଟ୍ଟନାୟକ, ଦେବାଶିଷ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସନ୍ଧ୍ୟା ହେଲେ ଜନବସତି ମୁହାଁ ହାତୀ ଘଉଡ଼ାଇବାରେ ବିଫଳ ବନ ବିଭାଗ

ଚୌଦ୍ୱାର, ୨୮।୧୨(ଡି.ଏନ୍.ଏ.):

ମଙ୍ଗଳପୁର କାଜୁ ଜଙ୍ଗଲରେ ରହିଥିବା ହାତୀ ପଲ ସନ୍ଧ୍ୟା ହେଲେ ଚୌଦ୍ୱାର ପୌରପାଳିକା ଓ ଏହାର ଆଖପାଖ ଗ୍ରାମାଞ୍ଚଳ ମହାଁଉଛନ୍ତି। ବ୍ୟାପକ ଫସଲ ନଷ୍ଟ କରୁଥିବା ବେଳେ ଲୋକମାନେ ଭୟରେ ରହୁଛନ୍ତି। ହାତୀ ଘଉଡ଼ାଇ ଧନ ଜୀବନ ସୁରକ୍ଷା ଦିଗରେ ପଦକ୍ଷେପ ନେବା ବଦଳରେ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ସୂଚନା ଅନୁଯାୟୀ, ଗତ ବୁଧବାର ୨ଟି ହାତୀ ଚୌଦ୍ୱାର ସହରରେ ପଶିଥିବା ବେଳେ ଶୁକ୍ରବାର ରାତିରେ ଆଗ୍ରାହାଟ ଗ୍ରାମରେ ବଣୁଆ ହାତୀଙ୍କ ଏକ ପଲ ପଶିଯାଇଥିଲା। ବିଦ୍ୟୁତ୍ ସଂଯୋଗ କଟାଯିବା ପରେ ଗ୍ରାମବାସୀ ଓ ବନ ବିଭାଗ କର୍ମଚାରୀଙ୍କ ଉଦ୍ୟମରେ ହାତୀ ପଲଙ୍କୁ ଘଉଡ଼େଇବାର ସଫଳ ହୋଇଥିଲେ। ହାତୀଗୁଡ଼ିକ ଗ୍ରାମରେ ପଶିବା ସହିତ ଧାନ ଫସଲ ନଷ୍ଟ ଦେଇଛନ୍ତି। ହାତୀ ପଲ ଏବେ ମଙ୍ଗଳପୁର କାଜୁ ଜଙ୍ଗଲରେ ରହିବା ସହିତ ରାତି ହେଲେ ଗ୍ରାମ ମୁହାଁ ହେଉଥିବାରୁ ଶଙ୍କରପୁର, ମଙ୍ଗଳପୁର, ଆଗ୍ରାହାଟ, ଜେମାଦେଇପୁର, ବରହମପୁର, ବାଣୀପଦା, ବନ୍ଦାଳ, ବାଲିଚଉରୀ ଚାଙ୍ଗୁଡ଼ିଆ ଗ୍ରାମର ଲୋକେ ଭୟରେ ରାତ୍ରିଯାପନ କରୁଛନ୍ତି। ଏହି ଅଞ୍ଚଳରେ ୧୮ରୁ ଅଧିକ ହାତୀ ଆତଙ୍କ ସୃଷ୍ଟି କରୁଥିବା ବେଳେ ହାତୀପଲକୁ ଘଉଡ଼େଇବାରେ ସ୍ଥାନୀୟ ବନ ବିଭାଗ ବିଫଳ ହୋଇଛି। ହାତୀଙ୍କ ଉପରେ ନଜର ରଖାଯାଇଛି ବୋଲି ବନପାଳ ବାରମ୍ବାର ସଫେଇ ଦେଉଛନ୍ତି। ଅନ୍ୟପକ୍ଷରେ ହାତୀପଲଙ୍କୁ ଜଙ୍ଗଲାଭିମୁଖୀ କରିବା ପାଇଁ ବନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବ ବୋଲି ବନପାଳ ଜ୍ୟୋତିରଞ୍ଜନ ମହାପାତ୍ର କହିଛନ୍ତି ।

## କଂଗ୍ରେସର ପ୍ରତିଷ୍ଠା ଦିବସ

କଟକ ଅଫିସ,୨୮।୧୨

କଟକ କଲେଜଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ଶନିବାର କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଠାରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ନେତା ସୁରେଶ ମହାପାତ୍ର ଯୋଗଦେଇ ଦଳର ସଙ୍ଗଠନକୁ ମଜଭୁତ କରିବା ସମ୍ପର୍କରେ କହିଥିଲେ। ଏଥିରେ ଦଳର ଅନୁସୂଚିତ ଜାତିର ଉପାଧ୍ୟକ୍ଷ ବାଙ୍କନିଧି ବେହେରା, ବିଶ୍ୱନାଥ ଶତପଥୀ, କୃଷ୍ଣ ମଲ୍ଲିକ, ଅମର ବାରିକ, ମହମ୍ମଦ ମେହେତାଜ, ଛାତ୍ର ନେତା ପ୍ରତୀକ ନାୟକ ଓ ଫଜଲ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଟକ ନଗର (ଜିଲା) କଂଗ୍ରେସ ପକ୍ଷରୁ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅଗଣତାନ୍ତ୍ରିକ ନୀତି ଏବଂ ସିଏଏ ଓ ଏନ୍ଆରସି ପ୍ରତ୍ୟାହାର ଦାବିକରି କମିଟି ପକ୍ଷରୁ ଭାରତ ବଞ୍ଚାଅ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶ ବଞ୍ଚାଅ ବାର୍ତ୍ତାକୁ କଂଗ୍ରେସ କର୍ମୀମାନେ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କହିଥିଲେ। ଏଥିରେ ସାବିତ୍ରୀ ଚୌଧୁରୀ, କାଶୀନାଥ ମଲ୍ଲିକ, ବିଶ୍ୱଜିତ ଦାସ, ସତ୍ୟାନନ୍ଦ ରାଉତ, ମଜୀଦ ଖାନ,ଡ. ସନ୍ତୋଷ ବଳ, ଗିରିବାଳା ବେହେରା ପ୍ରମୁଖ ଯୋଗଦେଇଥିଲେ।

## ପ୍ୟାରୀମୋହନ ଆଚାର୍ଯ୍ୟ, ଭକ୍ତକବିଙ୍କ ଶ୍ରାଦ୍ଧବାର୍ଷିକୀ

କଟକ ଅଫିସ,୨୮।୧୨

ପ୍ୟାରୀମୋହନ ଏକାଡ଼େମୀର ପ୍ରତିଷ୍ଠାତା ପ୍ୟାରୀମୋହନ ଆଚାର୍ଯ୍ୟ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଶ୍ରାଦ୍ଧବାର୍ଷିକୀ କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ଶନିବାର ପାଳିତ ହୋଇଯାଇଛି। ଦରଘାବଜାରସ୍ଥିତ ପ୍ୟାରୀମୋହନ ଏକାଡ଼େମୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବୈଷ୍ଣବ ଦାସ ଯୋଗଦେଇ କହିଥିଲେ, ଉତ୍କଳ ସମ୍ମିଳନୀ ପ୍ରତିଷ୍ଠାର ବହୁ ପୂର୍ବରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରୟାସ ଆରମ୍ଭ କରିଥିଲେ ପ୍ୟାରୀମୋହନ। ସେହିପରି ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ଓଡ଼ିଆ ଭାଷାଭଣ୍ଡାରକୁ ଏକ ଅନବଦ୍ୟ ଦାନ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ ଦାସ ଯୋଗଦେଇ ପ୍ୟାରୀମୋହନ ଓ ଭକ୍ତକବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିରା ବେଉରା, ଗୋପାଳ ଚନ୍ଦ୍ର ମିଶ୍ର, ଚିତ୍ତ ରଞ୍ଜନ କବି, ଭୁବନାନନ୍ଦ ମହାନ୍ତି, ପୁଷ୍ପକାନ୍ତି ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।




ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

## ଡ. ମହେନ୍ଦ୍ର ରାଉତଙ୍କ ତୈଳଚିତ୍ର ଉନ୍ମୋଚିତ



ତୈଳଚିତ୍ର ଉନ୍ମୋଚନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ।

କଟକ ଅଫିସ,୨୮।୧୨

କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଶିକ୍ଷାବିତ୍ ଡ. ମହେନ୍ଦ୍ର ରାଉତଙ୍କ ତୈଳଚିତ୍ର ଉନ୍ମୋଚିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ ଏହାକୁ ଉତ୍ସବକୁ ଉଦ୍‌ଘାଟନ କରି ତାଙ୍କ ସାହିତ୍ୟ ସାଧନାରେ ଡ. ରାଉତଙ୍କ ପ୍ରେରଣା ରହିଥିଲା ବୋଲି କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ରାଉତ ଓଡ଼ିଶାର ଜଣେ ସୁଦକ୍ଷ ଶିକ୍ଷା-ପ୍ରଶାସକ ଓ ସମ୍ବେଦନଶୀଳ ସୁମଣିଷ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟ କୁମାର ନାୟକ ମୁଖ୍ୟବକ୍ତା, ଶିକ୍ଷାବିତ୍ ପ୍ରଫେସର ପ୍ରଭାତ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଡ. ସୁନାମଣି ରାଉତ ଅତିଥି ଆମନ୍ତ୍ରଣ, ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ. ମହେନ୍ଦ୍ର କୁମାର ରାଉତଙ୍କ ପୁତ୍ର ପ୍ରଫେସର ସ୍ୱୟଂପ୍ରକାଶ ରାଉତ, ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁରଙ୍କ ସମେତ ଛାତ୍ରୀଛାତ୍ର, ଶିକ୍ଷାବିତ୍, ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

ପୁରୁଣା ଭୁବନେଶ୍ୱର,୨୮।୧୨(ଡି.ଏନ.ଏ)

ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ଏବଂ ତହିଁରେ କାର୍ଯ୍ୟ କରୁଥିବା ଖବରଦାତାମାନେ ସର୍ବଦା ନିରପେକ୍ଷ ରହି ସତ୍ୟ ଖବର ପ୍ରକାଶ କଲେ ପ୍ରତ୍ୟେକ ସ୍ଥାନରେ ସେମାନଙ୍କର ସମ୍ମାନ ଓ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବ। ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ନର୍ବାଚନ ଅବସରରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ବକ୍ତାମାନେ ଏହା କହିଛନ୍ତି । ଶନିବାର ସ୍ଥାନୀୟ ରେଡ୍‌କ୍ରସ ଭବନରେ ଅନୁଷ୍ଠିତ ସଂଘ ବୈଠକ ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ସୁଜ୍ଞାନ ଚୌଧୁରୀ, ଉପ-ସଭାପତି ଆଶୁତୋଷ ରଥ, ସାଧାରଣ ସମ୍ପାଦକ ହୃଷୀକେଶ ମହାନ୍ତି, ଯୁଗ୍ମ ସମ୍ପାଦକ ପବିତ୍ର କୁମାର ପାତ୍ର ଏବଂ କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ରାଉତ ନିର୍ବାଚିତ ହୋଇଥିଲେ। ସେହିଭଳି କେନ୍ଦ୍ରାଞ୍ଚଳ ସମ୍ପାଦକ ଭାବେ ଲଳିତ କୁମାର ଦାସ ଏବଂ ଉତ୍ତର ଓଡ଼ିଶା ସମ୍ପାଦକ ଭାବେ ଚୈତନ୍ୟ ପ୍ରସାଦ ଦାସ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ସମଗ୍ର ରାଜ୍ୟରୁ ୨୫ଜଣ କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି।



କଟକ ହରିପୁର କୃଷ୍ଣ ଭବନ ମଞ୍ଚରେ ଶିଳ୍ପୀ କୃଷ୍ଣଚନ୍ଦ୍ର ରଥଙ୍କ ୯୮ତମ ଜୟନ୍ତୀ ସମାରୋହରେ ଶନିବାର ଡ. ପ୍ରିୟମ୍ବଦା ମହାନ୍ତି(ହେଜମାଦି)ଙ୍କୁ ଅତିଥିମାନେ ଶିଳ୍ପୀ କୃଷ୍ଣଚନ୍ଦ୍ର ରଥ କଳା ସମ୍ମାନ ପ୍ରଦାନ କରୁଛନ୍ତି।

## କମିଶନରେଟ୍ ପୋଲିସ ପକ୍ଷରୁ ୪୨ ପୂଜା କମିଟି ସମ୍ବର୍ଦ୍ଧିତ

କଟକ ଅଫିସ, ୨୮।୧୨

ଚଳିତବର୍ଷ ବିନା ଡିଜେ ଓ ଶାନ୍ତିଶୃଙ୍ଖଳାରେ ସମସ୍ତ ପୂଜା ଆୟୋଜନ କରିଥିବା ୪୨ଟି ପୂଜା କମିଟିକୁ କମିଶନ୍‌ରେଟ ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ଶନିବାର ଡିସିପିଙ୍କ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଗଣେଶ ପୂଜା ପାଇଁ ବାଦାମବାଡି ପରିଡାସାହିର ରୟାଲ କ୍ଲବ, ଡଗରପଡା ଭୁଟିଆ ସାହିର ଜୟ ଶ୍ରୀରାମ କ୍ଲବ, କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଗଣପତି ପୂଜା କମିଟି, ଚାଉଳିଆଗଞ୍ଜ ଥଟ୍ଟାରିସାହି କ୍ଲବକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶାନ୍ତିଶୃଙ୍ଖଳାରେ ଦୁର୍ଗାପୂଜା ଆୟୋଜନ ପାଇଁ ଚାଉଳିଆଗଞ୍ଜ କହ୍ନେଇପୁର ପୂଜା କମିଟି, ବିଦ୍ୟାଧରପୁର ପୂଜା କମିଟି, ଷ୍ଟେଶନ ବଜାର ପୂଜା କମିଟି, ମାଲଗୋଦାମ ପୂଜା କମିଟି, ମାଳିସାହି ଉନ୍ନୟନ କମିଟି, ବକ୍ସିବଜାର ସାର୍ବଜନୀନ ଶାରଦୀୟ ଦୁର୍ଗୋତ୍ସବ କମିଟି, ମର୍କତନଗର ସେକ୍ଟର-୧୧ ପୂଜା କମିଟି, କଟକ ଚଣ୍ଡୀ ରୋଡ ଶେଖ୍‌ବଜାର ପୂଜା କମିଟି, କାଫଲା ବଜାର ପୂଜା କମିଟି, ମଧୁପାଟଣା ପୂଜା କମିଟି, ହରିପୁର-ଦୋଳମୁଣ୍ଡାଇ ପୂଜା କମିଟି, ରାଜାବଗିଚା ବଡେଇ ସାହି ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ସେବା ସମିତି, ସାଆନ୍ତସାହି ପୂଜା କମିଟି, ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀ ପୂଜା କମିଟି, ଗୋପାଳପୁର ପୂଜା କମିଟି ଓ ହରପାର୍ବତୀ ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀ ପୂଜା ପାଇଁ ସଦର ଥାନା ଅନ୍ତର୍ଗତ ବାଲିସାହି ପୂଜା କମିଟି, ମହାଲକ୍ଷ୍ମୀ ପୂଜା କମିଟି ଓ ସଇନ୍ଦା ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଚୌଦ୍ୱାରା ରୁପଯାତ୍ରା ପାଇଁ କଳିଙ୍ଗବଜାର ପୂଜା କମିଟି, ବ୍ରାହ୍ମଣସାହି ବ୍ରାହ୍ମଣ ମହାଲକ୍ଷ୍ମୀ ପୂଜା କମିଟି ଓ ବଡବଜାର ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଳୀପୂଜା ପାଇଁ କଲେଜଛକ ପୂଜା କମିଟି, ଶିଖରପୁର ଗଣ୍ଡରପୁର ମହାନଦୀ ବିହାର ପୂଜା କମିଟି, ଦରଘାବଜାର ମହାଦେବ ପୂଜା କମିଟି, ବଣିଆସାହି ଶ୍ରୀ ଶ୍ରୀ ମଦନମୋହନ ସମିତି, ଅଲିଶାବଜାର ପୂଜା କମିଟି, ବିଡାନାସୀ କୁମ୍ଭାରସାହି ପୂଜା କମିଟି, ଖାନ୍‌ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ଓ ଛତ୍ରବଜାର ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ତ୍ତିକେଶ୍ୱର ପୂଜା ପାଇଁ ତିନିକୋଣିଆ ବଗିଚା ପୂଜା କମିଟି, ରାଉସାପାଟଣା ପୂଜା କମିଟି, ମଣିସାହୁ ଛକ ପୂଜା କମିଟି, ମର୍କତନଗର କାଠଯୋଡି ବିହାର ପୂଜା କମିଟି, କାଜୀବଜାର ପୂଜା କମିଟି, ବାରଙ୍ଗ ମଧୁବନ ପୂଜା କମିଟି, ଫୁଲପୋଖରୀ ପାଣିସାହି ପୂଜା କମିଟି ଓ ବାରଙ୍ଗ ଦାଢ଼ାପାଟଣା କୈବର୍ତ୍ତ ସାହି ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ଅଖିଳେଶ୍ୱର ସିଂ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପୂଜାକମିଟିର କର୍ମକର୍ତ୍ତା ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ,
ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ। -ଭଲଟାୟର



## ସଂକ୍ଷେପରେ

### ଜାଲ ରସିଦ୍‌ରେ ପାର୍କିଂ ଫି ଆଦାୟ

**ଖୋର୍ଦ୍ଧା ଅଫିସ,୨୮।୧୨:** ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଜାଲ ରିସଦରେ ପାର୍କିଂ ଫି ଆଦାୟ କରାଯାଉଛି। ଖୋର୍ଦ୍ଧା ଆଦର୍ଶ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ବିଭିନ୍ନ ସମୟରେ ବେଆଇନ ପାର୍କିଂ ଫି ଆଦାୟ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କିନ୍ତୁ ଏହା ଉପରେ ଲଗାମ ଲାଗି ପାରୁ ନାହିଁ। ଏହା ବଢ଼ି ଚାଲିଛି । ପାର୍କିଂ ଫି ନ ଦେବାରୁ ବିଭିନ୍ନ ସମୟରେ ଚାଳକମାନେ ଆକ୍ରମଣର ଶିକାର ହେଉଛନ୍ତି। ପ୍ରାୟ ୨ବର୍ଷ ପୂର୍ବେ ସୋମନପାଥପୁର ଅଞ୍ଚଳରେ ଚାନ୍ଦା ନ ଦେବାରୁ ଏକ କ୍ରସର ଉପରେ ବାରମ୍ବାର ବୋମାମାଡ କରାଯାଇଥିଲା।

### ୨ ଜଳଯୋଗାଣ ପ୍ରକଳ୍ପ ଲୋକାର୍ପିତ

**ଯାଁଳା,୨୮।୧୨(ଡି.ଏନ୍‌.ଏ.):** ଜଟଣୀ ବ୍ଲକ ଯାଁଳା ପଞ୍ଚାୟତରେ ଶନିବାର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଦୁଇଟି ଜଳଯୋଗାଣ ପ୍ରକଳ୍ପ ଲୋକାର୍ପଣ, ଗୋଟିଏ କଲ୍ୟାଣମଣ୍ଡପ ଉଦ୍‌ଘାଟିତ ହୋଇଛି। ଜଳଯୋଗାଣ ପାଇଁ ୨କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପଞ୍ଚାୟତର ଓଗାଳପଡ଼ା ଓ ଉତ୍ତରମୁଣ୍ଡ ମୁହାଣ ଏହି ଦୁଇ ପ୍ରକଳ୍ପ କରାଯାଇଛି। ସେହିପରି ୩୫ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ କାର୍ଯ୍ୟାଳୟରେ କଲ୍ୟାଣମଣ୍ଡପ ନିର୍ମାଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ବିଶ୍ୱରଞ୍ଜନ ବଡ଼ଜେନା, ଏମ୍‌ପିଙ୍କ ପ୍ରତିନିଧି ରବିନାରାୟଣ ସ୍ୱାଇଁ, ସରପଞ୍ଚ ପ୍ରଦୋଷ ଜେନା, ନାଏବ ସରପଞ୍ଚ ଅଞ୍ଜଳି ନାୟକ, ଭୀଷ୍ମ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ୩୦ରେ ମୁଖ୍ୟମନ୍ତ୍ରୀଙ୍କ ରାସ୍ତା ଅବରୋଧ କରିବ ନବନିର୍ମାଣ ଯୁବଛାତ୍ର ସଂଗଠନ

**ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ)-** କାଳିଆ ଯୋଜନାରେ ୭୦ ଲକ୍ଷ ଚାଷୀଙ୍କୁ ରବି ଓ ଖରିଫ୍‌ରେ ୧୦ ହଜାର ଲେଖାଏ ଟଙ୍କା ଦେବେ ବୋଲି ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ୬ମାସ ପରେ କାଳିଆ ଯୋଜନାରେ ୧୦ ହଜାର ନୁହେଁ ୪ହଜାର ଟଙ୍କା ଦେବେ ବୋଲି ଘୋଷଣା କରି ଓଡ଼ିଶାର ୭୦ଭାଗ ଚାଷୀଙ୍କ ସହ ସରକାର ବିଶ୍ୱାସଘାତକତା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏହି ଚାଷୀ ବିଶ୍ୱାସ ଭଙ୍ଗ ବିରୋଧରେ ନବନିର୍ମାଣ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଗତ ତିନିଦିନ ଧରି ଅନଶନରେ ବସିଛନ୍ତି। ତଥାପି ସରକାରଙ୍କ ପକ୍ଷରୁ ଏ ନେଇ ପ୍ରାଥମିକ ବାର୍ତ୍ତାଳାପ ପାଇଁ କୌଣସି ଅଧିକାରୀ ଆସିନାହାନ୍ତି। ଏ ନେଇ ସୌଜନ୍ୟ ଆଲୋଚନା ନ କରିବା ପ୍ରତିବାଦରେ ଆସନ୍ତା ୩୦ତାରିଖରେ ନବନିର୍ମାଣ ଯୁବଛାତ୍ର ସଂଗଠନ ମୁଖ୍ୟମନ୍ତ୍ରୀଙ୍କ ରାସ୍ତା ଅବରୋଧ କରିବ ବୋଲି ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱାର ଅଲ୍ଲୀ ସୂଚନା ଦେଇଛନ୍ତି। ଏହି ରାସ୍ତା ଅବରୋଧ କାର୍ଯ୍ୟକ୍ରମରେ ବହୁ ଯୁବଛାତ୍ର ଯୋଗଦେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

### ରୋଟାରି ଫୋକସ୍‌ରେ ଓଡ଼ିଶା

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)-** ଭୁବନେଶ୍ୱରସ୍ଥିତ ରେଲ୍‌ୱେ ଅଡିଟୋରିୟମରେ ଦ୍ୱିଦିବସୀୟ ରୋଟାରୀ ଜିଲା ସମ୍ମିଳନୀ 'ଏକ୍ସଲ୍‌' ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀକୁ ଆରଆଇପିଆର ବଂଶୀ ଧୁରନ୍ଧର ଓ ଜିଲା ଗଭର୍ନର ଦେବାଶିଷ ମିଶ୍ର ଉଦ୍‌ଘାଟନ କରିଥିଲେ। ଅଭିଭାଷଣରେ ମିଶ୍ର କହିଥିଲେ, ଓଡ଼ିଶାର ସମଗ୍ର ଜିଲାରେ ରୋଟାରି ୯୨ଟି କ୍ଲବ ମାଧ୍ୟମରେ ଭିନ୍ନ ଭିନ୍ନ ସେବା ଯୋଗାଇ ଦେଉଛି ଏବଂ ରୋଟାରି ସେବାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଏହି ସମ୍ମିଳନୀ ଅଭିପ୍ରେତ। ଆହୁରି ସେ କହିଥିଲେ, ରାଜ୍ୟର ଶହେ ସରକାରୀ ସ୍କୁଲ୍‌ରେ 'ଜଳଧାରା' ଯୋଜନା ଅନ୍ତର୍ଗତ ଶୁଦ୍ଧ ପାନୀୟ ଜଳ ଯୋଗାଣ ଯନ୍ତ୍ର ଯୋଗାଇ ଦିଆଯାଇଛି। ଆସନ୍ତା ମାର୍ଚ୍ଚ ମଧ୍ୟରେ ସରକାରୀ ସ୍କୁଲ୍‌ରେ ଦଶହଜାର ବେଞ୍ଚ ଓ ଡେସ୍କ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରାଜ୍ୟରେ ରୋଟାରି ଦ୍ୱାରା ପରିଚାଳିତ ୫ଟି ଚକ୍ଷୁ ଚିକିତ୍ସାଳୟ ଜରିଆରେ ୧ଲକ୍ଷ ୨୦ହଜାର ବୃଦ୍ଧାଙ୍କୁ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଛି। ଚଳିତବର୍ଷ ଆନ୍ତର୍ଜାତିକ ରୋଟାରି କାର୍ଯ୍ୟାଳୟ ଓଡ଼ିଶାକୁ ଅଧିକ ସେବା ଯୋଗାଇ ଦେବା ପାଇଁ ଫୋକସରେ ରଖିଛନ୍ତି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପବ୍ଲିକ ଇମେଜ ଅଧ୍ୟକ୍ଷ ବିଭୂତି ଭୂଷଣ କର ଉପସ୍ଥିତ ଥିଲେ।

## ■ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଢୁଛି ଦୁର୍ନୀତି

# ସ୍ୱଚ୍ଛଳଙ୍କୁ ମିଳୁଛି, ଗୃହହୀନଙ୍କୁ ନାହିଁ

### ନିଲମ୍ବନ ସତ୍ତ୍ୱେ ଚାଲିଛି ଦୁର୍ନୀତି

**ଖୋର୍ଦ୍ଧା ଅଫିସ,୨୮।୧୨**

ଖୋର୍ଦ୍ଧା ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ବଢ଼ିବାରେ ଲାଗିଛି। ବେଗୁନିଆ ବ୍ଲକର ଗଡମାଣତୀର, ପୋଡାଡିହ ପଞ୍ଚାୟତରେ ଆବାସ ଦୁର୍ନୀତି ପର୍ଦ୍ଦାଫାଶ ହେବା ପରେ ମଧ୍ୟ ପୂର୍ବବତ କାର୍ଯ୍ୟାଦେଶ ପ୍ରଦାନ ବେଳେ ସବୁ ନିୟମକୁ ଅଣଦେଖା କରାଯାଉଛି। ସ୍ୱଚ୍ଛଳଙ୍କୁ ଆବାସ ମିଳୁଥିବା ବେଳେ ଗୃହହୀନଙ୍କୁ ମିଳୁନାହିଁ। ଏପରିକି କାର୍ଯ୍ୟାଦେଶ ପ୍ରଦାନରେ ହେଉଥିବା ଦୁର୍ନୀତିରେ କେତେଜଣ ସରକାରୀ କର୍ମଚାରୀ ଓ ଅଧିକାରୀ, ଲୋକ ପ୍ରତିନିଧି ଓ ଦଲାଲଙ୍କ ସମ୍ପୃକ୍ତି ରହିଥିବା ଅଞ୍ଚଳରେ ଆଲୋଚନା ହେଉଛି।

ଗଡ଼ମାଣତ୍ରୀର ଆବାସ ଦୁର୍ନୀତିରେ କଲେଜରେ କାର୍ଯ୍ୟରତ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଦଲାଲି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ। କିଛିଦିନ ପୂର୍ବେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଦଲାଲଙ୍କୁ ଧରି ପୋଲିସ ଜିମା ଦିଆଯାଇଥିଲା। ଏହି କେଳେଙ୍କାରୀରେ ୨ଜଣ ଦଲାଲ ଫେରାର ଅଛନ୍ତି। ସେମାନଙ୍କୁ କେତେଜଣ ରାଜନେତା ଘଣ୍ଟଘୋଡ଼ାଇ ରଖିଥିବା କୁହାଯାଉଛି। ଦୁର୍ନୀତି ଅଭିଯୋଗ ଆସିବା ପରେ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ସେହିଭଳି ପୋଡ଼ାଡ଼ିହ ପଞ୍ଚାୟତର ଆବାସ ଦୁର୍ନୀତିରେ ୨ଜଣ ପିଇଓ ନିଲମ୍ବିତ ହୋଇଥିବାବେଳେ ଜଣେ ବିଡିଓ, ଏବିଡିଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ଖୋର୍ଦ୍ଧା ଜିଲାପାଳ ସୁପାରିସ କରିଛନ୍ତି। ଏସବୁ ସତ୍ତ୍ୱେ ବେଗୁନିଆ ବ୍ଲକରେ ଆବାସ ଯୋଜନାରେ ଦୁର୍ନୀତି ପୂର୍ବବତ୍ ଚାଲିଛି।

### ତଥ୍ୟ ସଂଗ୍ରହ କରୁଛନ୍ତି ଏମ୍‌ପି

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ ଆସିବା ପରେ ଭାଜପା ସକ୍ରିୟ ହୋଇଯାଇଛି। ଦଳ ପକ୍ଷରୁ ଦୁର୍ନୀତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ଏମ୍‌ପି ଅପରାଜିତା ଷଡଙ୍ଗୀ ମଧ୍ୟ ତଥ୍ୟ ଯୋଗାଡ଼ କରୁଛନ୍ତି। ଏମ୍‌ପି ଷଡ଼ଙ୍ଗୀଙ୍କ କହିବାନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବେଗୁନିଆ ନିର୍ବାଚନମଣ୍ଡଳୀର ବେଗୁନିଆ ଓ ବୋଲଗଡ଼ ଅଞ୍ଚଳରେ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଏନେଇ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଅବଗତ କରାଇଯାଇଛି। ଦୁର୍ନୀତି ସମ୍ପର୍କରେ ସଂସଦରେ ପ୍ରସଙ୍ଗ ଉଠାଇଛି। ରାଜ୍ୟ ସରକାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଖୋର୍ଦ୍ଧା ଜିଲାର ବାଲିଅନ୍ତା, ବାଲିପାଟଣା ବ୍ଲକରୁ ଆବାସ ଯୋଜନାରେ ଅଧିକ ଅଭିଯୋଗ ଆସୁଛି। ହିତାଧିକାରୀ ଚୟନରେ ଅସନ୍ତୋଷ ରହିଛି। କିଣ୍ତିରେ ଟଙ୍କା ଦେବାବେଳେ ଦୁର୍ନୀତି ଅଭିଯୋଗ ଆସୁଛି। ଖୁବ୍‌ଶୀଘ୍ର ସବୁ ତଥ୍ୟକୁ ନେଇ ଜିଲା ପ୍ରଶାସନ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବି। ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯିବ ବୋଲି କହିଛନ୍ତି।

## ବରିଷ୍ଠ ନାଗରିକଙ୍କ ପାଇଁ ନିର୍ମାଣ ହେବ ସଭାଗୃହ




ସଭାରେ ଉପସ୍ଥିତ ଅତିଥିବୃନ୍ଦ ।

**ବେଗୁନିଆ,୨୮।୧୨(ଡି.ଏନ୍‌.ଏ.):** ବେଗୁନିଆ ସଦର ମହକୁମା ମା' ବରମୂଳେଇ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶନିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ସନ୍ତୋଷ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଜାନକୀ ସ୍ୱାଇଁ ଏବଂ ବୀଣାପାଣି ପାଠାଗାରର ସଭାପତି ପ୍ରଭାତ କୁମାର ପ୍ରହରାଜ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବେଗୁନିଆ ନିର୍ବାଚନମଣ୍ଡଳୀର ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ସାହୁଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ବୈଠକ ପାଇଁ ସଭାଗୃହ ନାହିଁ । ଏଣେ ତେଣେ ବୈଠକ କରିବାକୁ ପଡୁଛି । ସଭାଗୃହ ନିର୍ମାଣ ପାଇଁ ପାଣ୍ଠି ପ୍ରଦାନ କରିବାକୁ ବିଧାୟକ ସାହୁଙ୍କୁ ନିବେଦନ କରାଯାଇଥିଲା। ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ବରିଷ୍ଠ ନାଗରିକଙ୍କ ପାଇଁ ସଭାଗୃହ ନିର୍ମାଣ ପାଇଁ ବିଧାୟକ ସାହୁ ଘୋଷଣା କରିବା ସହ ତହସିଲ କାର୍ଯ୍ୟାଳୟ ନିକଟରେ ଶିଳାନ୍ୟାସ ଦେଇଥିଲେ। ଏକବର୍ଷ ମଧ୍ୟରେ ସଭାଗୃହ ନିର୍ମାଣ ଶେଷ କରାଯିବ ସହ ଉଦ୍‌ଘାଟିତ ହେବ ବୋଲି କହିଥିଲେ।

## ଫୁଟବଲ୍‌: ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ ଫାଇନାଲରେ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୮।୧୨(ଡି.ଏନ.ଏ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କୁହୁଡି ଜନତା ଷ୍ଟାଡିୟମ୍‌ରେ ମହାବୀର ଆଥ୍‌ଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ୬୦ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଚାଲିଛି। ଏହାର ଅଷ୍ଟମ ଦିବସ ପ୍ରଥମ ସେମି ଫାଇନାଲ ଶନିବାର ମ୍ୟାଚରେ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ ବରଗଡ ୪-୩ ଟାଇବ୍ରେକର ଗୋଲରେ ରାଟଲମ୍ ଫୁଟ୍‌ବଲ୍ କ୍ଲବ୍ ମଧ୍ୟପ୍ରଦେଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଉଭୟ ଦଳ ମଧ୍ୟରେ ଲଢ଼େଇ ଚାଲିଥିଲେ ମଧ୍ୟ କୌଣସି ଗୋଲ୍ ହୋଇପାରି ନ ଥିଲା। ରେଫେରିଙ୍କ ନିଷ୍ପତ୍ତି ମୁତାବକ ଟାଇବ୍ରେକରର ଆଶ୍ରୟ ନେଇ ୟୁନାଇଟେଡ ସ୍ପୋର୍ଟସ କ୍ଲବ ବିଜୟୀ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ମନୋଜ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳାଇ ଯୋଗ ଦେଇଥିଲେ। ବେଷ୍ଟ ଖେଳାଳି ଭାବେ ବିଜୟୀ ଟିମର ୧୬ନଂ ଖେଳାଳି ରାକେଶ ଓରାମ୍ ଓ ରାଟଲମ୍ ଫୁଟ୍‌ବଲ୍ କ୍ଲବର ୧୦ନଂ ଖେଳାଳି ପ୍ରିନ୍ସଙ୍କୁ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ ମହାପାତ୍ର, ଖବରଦାତା ପଦ୍ମନାଭ ବିଶ୍ୱାଳ, ସାମାଜିକ କର୍ମୀ ୟାକୁବ୍ ଖାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରେଫରି ସୁବ୍ରତ ପୁରୋହିତ୍ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ, ରମଣୀ ମାଝି ଓ ଦୁର୍ଗା ଆଚାର୍ଯ୍ୟ ସହଯୋଗ କରିଥିଲେ।



ୟୁନାଇଟେଡ ସ୍ପୋର୍ଟସ କ୍ଲବ ଓ ରାଟଲମ୍ ଫୁଟବଲ କ୍ଲବ ମଧ୍ୟରେ ଚାଲିଥିବା ମ୍ୟାଚ ।

## ସେସୁ'ର ଘରୋଇକରଣ ନିଷ୍ପତ୍ତିକୁ ବିରୋଧ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ସରକାରଙ୍କ ପରିଚାଳନାଧୀନ ବିଦ୍ୟୁତ୍ ବିତରଣ ସଂସ୍ଥା 'ସେସୁ'କୁ ଟାଟା ପାୱାର କମ୍ପାନୀ ଚଳାଇବ ବୋଲି ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଜରିଆରେ ଚୂଡ଼ାନ୍ତ ହୋଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଏସ୍‌ୟୁସିଆଇ(ସି) ପକ୍ଷରୁ ବିରୋଧ କରାଯାଇଛି। ଦଳର ରାଜ୍ୟ ସମ୍ପାଦକ ଧୂର୍ଜଟି ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ୪,୪୬୧ କୋଟି ଟଙ୍କା ମୂଲ୍ୟର 'ସେସୁ' କମ୍ପାନୀକୁ ମାତ୍ର ୩ଶହ କୋଟି ଟଙ୍କାରେ 'ଟାଟା ପାୱାର୍ସ'କୁ ବିକ୍ରି କରିବାପାଇଁ ନିଷ୍ପତ୍ତି କରି ରାଜ୍ୟବାସୀଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ରାଜ୍ୟର ୯ଟି ଜିଲାର ୨୬ ଲକ୍ଷ ୪୬ହଜାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା 'ସେସୁ'ର ଘରୋଇକରଣ କରି ସରକାର ସାଧାରଣ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅକଥନୀୟ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛନ୍ତି। ଏହା ବ୍ୟତୀତ ବଡ଼ ବଡ଼ ଶିଳ୍ପ ସଂସ୍ଥା ଉପରେ ୨୦୮ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବାକି ପଡ଼ିଥିବାବେଳେ ଜାନୁୟାରୀ ୧୫ତାରିଖ ସୁଦ୍ଧା ବିଲ ପଇଠ ନ କଲେ ସାଧାରଣ ଖାଉଟିଙ୍କ ଘରୁ ବିଦ୍ୟୁତ୍ ଯୋଗାଣ କାଟିଦିଆଯିବ ବୋଲି ନୋଟିସ୍ ଜାରି କରିବା ଆହୁରି ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତିକୁ ବଦଳାନ୍ତୁ ନଚେତ୍ ଆଗକୁ ତୀବ୍ର ବିରୋଧ କରାଯିବ ବୋଲି ସେ କହିଛନ୍ତି।

## ବିଦେଶାଗତ ପକ୍ଷୀ ସୁରକ୍ଷା ସଚେତନତା




ଶିବିରରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

**କୃଷ୍ଣପ୍ରସାଦ,୨୮।୧୨(ଡି.ଏନ୍‌.ଏ.)** ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଓ୍ଣିଛି ବିଣାପାଣୀ ୟୁଥ କ୍ଲବ ପରିସରରେ ଶନିବାର ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ବିଦେଶାଗତ ପକ୍ଷୀମାନଙ୍କର ସୁରକ୍ଷା ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଡେପୁଟିରେଞ୍ଜର ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବନପାଳ ଜିତେନ୍ଦ୍ରୀୟ ଜେନା,ବିଣାପାଣୀ ୟୁଥ କ୍ଲବ ସଭାପତି ନିରଞ୍ଜନ ତରେଇ,ସମ୍ପାଦକ ରାଜ କିଶୋର ବାରିକ,ବୁଦ୍ଧିଜୀବୀ ଶରତ ଚନ୍ଦ୍ର ଜେନା,ଶିକ୍ଷାବିତ୍ କୁମର ସାହୁ ପ୍ରମୁଖ ଯୋଗଦେଇ ବିଦେଶାଗତ ପକ୍ଷୀଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ ସେ ଦିଗରେ ମତବ୍ୟକ୍ତ କରିଥିଲେ । ଶିବିରରେ ଗ୍ରାମର ଶତାଧିକ ମହିଳା ପୁରୁଷ,ସ୍ଥାନୀୟ ତ୍ରିଲୋଚନେଶ୍ୱର ଦେବ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କ ସମେତ ବିଣାପାଣୀ ୟୁଥ କ୍ଲବର ସଦସ୍ୟ ଉପସ୍ଥିତଥିଲେ । ବନରକ୍ଷୀ ସୁଜିତ୍ କୁମାର ବେହେରା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ସେଠୀ,ସନ୍ୟାସୀ କୁମାର ପରିଡା,କାଲୁ ଜାଲି,ରବୀନ୍ଦ୍ର ଜେନା,ସୁରଥ ଜେନା ପ୍ରମୁଖ ସହଯୋଗ କରିଥିଲେ ।

## ■ ଖଣିଖାଦାନରେ ଚଢ଼ାଉ

## ୫ ଗାଡ଼ି ଜବତ, ୮୦ହଜାର ଜରିମାନା ଆଦାୟ

**ବେଗୁନିଆ,୨୮।୧୨(ଡି.ଏନ୍‌.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଖଣି ମାଫିଆଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ବହୁ ବିଳମ୍ବରେ ହେଲେ ବି ଜିଲା ପ୍ରଶାସନ ତତ୍ପର ହୋଇପଡ଼ିଛି। ବେଗୁନିଆ ତହସିଲଦାର ବିବେକାନନ୍ଦ ପରିଡ଼ା ଓ ସବ୍‌ଇନ୍ସପେକ୍ଟର ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବିଭିନ୍ନ ଖଣିରେ ଚଢ଼ାଉ କରାଯାଇଥିଲା। ରାଉତପଡ଼ା ମାଙ୍କଡ଼ା ଖଣିରୁ ବେଆଇନ ଭାବେ ମାଙ୍କଡ଼ା ବୋଝେଇ କରି ଖସିପଳାଉଥିବା ବେଳେ କଡ଼ବ ଗ୍ରାମ ନିକଟରୁ ୨ଟି ମିନି ଟ୍ରକ୍ ଓ ୩ଟି ଟ୍ରକ୍‌କୁ ଜବତ କରାଯାଇଥିଲା। ଗୋଟିଏ ମିନିଟ୍ରକ୍ ଠାରୁ ୩୦ହଜାର ଏବଂ ଏକ ଟ୍ରକ୍ ଠାରୁ ୫୦ ହଜାର ଟଙ୍କାର ରାଜସ୍ୱ ଆଦାୟ କରାଯାଇ ଛାଡ଼ିଦିଆଯାଇଛି । ଅନ୍ୟ ଜବତ ଟ୍ରକ୍‌ଗୁଡ଼ିକ ଥାନା ପରିସରରେ ରହିଥିବା ତହସିଲଦାର ପରିଡ଼ା କହିଛନ୍ତି।

## ପିପୁଲ୍‌ସ ଫୋରମ୍‌ର ପ୍ରତିଷ୍ଠା ଦିବସ

**ଯାଁଳା,୨୮।୧୨(ଡି.ଏନ୍‌.ଏ.)**

ସାମାଜିକ ଅନୁଷ୍ଠାନ ପିପୁଲ୍‌ସ ଫୋରମ୍‌ର ୨୮ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଫୋରମ୍‌ର ପ୍ରତିଷ୍ଠାତା ଗୋବିନ୍ଦ ପଟ୍ଟନାୟକ ପୌରୋହିତ୍ୟ କରିଥିବା ବେଳେ ମାନସିକରୋଗ ବିଶେଷଜ୍ଞ ପ୍ରଫେସର ନୀଳମାଧବ ରଥ, ଡ. ଅଚ୍ୟୁତାନନ୍ଦ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଯାଁଳାସ୍ଥିତ ମିଶନ ଆଶ୍ରା ଓ ମିଶନ ଆଶାଲୋକ ପରିସରରେ ରକ୍ତଦାନ ଶିବିର ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସିଏଏ ନ ହଟିଲେ ସମ୍ବିଧାନର ସମାନତା ଅଧିକାର କ୍ଷୁଣ୍ଣ ହେବ

**ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ)**

କେନ୍ଦ୍ରର ଭାଜପା ସରକାର ପାର୍ଲାମେଣ୍ଟରେ ନାଗରିକତା ସଂଶୋଧନ ଆଇନ(ସିଏଏ) ପ୍ରଣୟନ ସଙ୍ଗେ ସମଗ୍ର ଦେଶରେ ନାଗରିକ ପଞ୍ଜିକରଣ (ଏନ୍‌ଆରସି) ଏବଂ ଜାତୀୟ ଜନସଂଖ୍ୟା ରେଜିଷ୍ଟ୍ରାର (ଏନ୍‌ପିଆର) ପ୍ରସ୍ତୁତି ପାଇଁ ଘୋଷଣା କରିଛନ୍ତି। ନାଗରିକତା (ସଂଶୋଧନ) ଦେଶର ସମ୍ବିଧାନ ବିରୋଧୀ। ଭାଜପା ତା'ର ସାମ୍ପ୍ରଦାୟିକତାବାଦୀ, ହିନ୍ଦୁତ୍ୱବାଦୀ ଏଜେଣ୍ଡାକୁ କାର୍ଯ୍ୟକାରୀ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି ସିପିଆଇ, ସିପିଆଇ (ଏମ୍), ସିପିଆଇ (ଏମ୍‌ଏଲ) ଲିବିରେଶନ ଏବଂ ଫରୱାର୍ଡ଼ ବ୍ଲକ ପକ୍ଷରୁ ପ୍ରକାଶ ପାଇଛି। ଶନିବାର ଭୁବନେଶ୍ୱରରେ ହୋଇଥିବା ଏକ ମିଳିତ ବୈଠକରେ ତୁରନ୍ତ ସିଏଏକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ବାମଦଳଙ୍କର ଏହି ବୈଠକ ପରେ ଏକ ମିଳିତ ପ୍ରେସ୍ ଇସ୍ତାହାରରେ ଧର୍ମୀୟ ବାଛବିଚାରମୂଳକ ନାଗରିକତା (ସଂଶୋଧନ) ଆଇନ୍ ଫଳରେ ସମ୍ବିଧାନର ଧାରା ୧୪ ଓ ୧୫ରେ ପ୍ରାପ୍ତ ସମାନତା ଅଧିକାର ବ୍ୟବସ୍ଥା କ୍ଷୁଣ୍ଣ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ଦେଶର ଘୋର ଆର୍ଥିକ ମାନ୍ଦାବସ୍ଥା, ଅହେତୁକ ଦର ବୃଦ୍ଧି, ବେକାରି, ଆର୍ଥିକ ଅସମାନତା ବୃଦ୍ଧି ଯୋଗୁ ଲୋକଙ୍କ ଦୈନନ୍ଦିନ ଜୀବନ ସଙ୍କୁଳିତ ହେଉଥିବାବେଳେ ଜନମତକୁ ବିଭ୍ରାନ୍ତ କରିବା ଲାଗି ଭାଜପା ପକ୍ଷରୁ ନାଗରିକ ପ୍ରସଙ୍ଗ ଉତ୍ଥାପନ କରାଯାଉଛି। ଏଭଳି ସ୍ଥିତି ବିରୋଧରେ ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ଫେଡ଼େରେଶନ ପକ୍ଷରୁ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ଗ୍ରାମୀଣ ହରତାଳ ପାଇଁ ଦେଇଥିବା ଡାକରାକୁ ଓଡ଼ିଶାରେ ବାମପନ୍ଥୀମାନେ ପୂର୍ଣ୍ଣ ସମର୍ଥନ କରିଛି। ବୈଠକରେ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ଦୁଷ୍ମନ୍ତ ଦାସ, ସୁରେଶ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଏବଂ ରାମକୃଷ୍ଣ ପଣ୍ଡା, ସିପିଆଇ (ଏମ୍‌ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଓ ମହେନ୍ଦ୍ର ପରିଡ଼ା ଏବଂ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଯୋଗ ଦେଇଥିଲେ।

## ■ ବୋଲଗଡ଼ ମହୋତ୍ସବର ତୃତୀୟ ସନ୍ଧ୍ୟା

# ପାଇକ ବିଦ୍ରୋହକୁ ମନେପକାଇଲା ସାମରିକ କଳା ପ୍ରଦର୍ଶନ

**ବୋଲଗଡ,୨୮।୧୨(ଡି.ଏନ.ଏ)**

ଷୋଡ଼ଶତମ ବୋଲଗଡ ମହୋତ୍ସବ ଆଶା -୨୦୧୯ ଶନିବାର ଥିଲା ତୃତୀୟ ସନ୍ଧ୍ୟା। ସନ୍ଧ୍ୟା ସମୟରେ ଶୀତର ପ୍ରଖର ବଢୁଥିବାବେଳେ ଦର୍ଶକମାନଙ୍କର ସୁଅ ମଧ୍ୟ ଛୁଟିଥିଲା। ମହୋତ୍ସବ କମିଟି ଉପସଭାପତି କୃଷ୍ଣ ମୋହନ ପାଲଟାସିଂହଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ସତ୍ୟ ପ୍ରକାଶ ନାୟକ ଯୋଗଦେଇ ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବର ମୁକ୍ତାକାଶ ମଞ୍ଚରେ ଲୋକନୃତ୍ୟଠାରୁ ଆରମ୍ଭ କରି ପାଇକ ଅଖଡା ଓ ମଡର୍ନ ଡ୍ୟାନ୍ସର ଓ ନାଟକ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ସାଂସ୍କୃତିକ ସନ୍ଧ୍ୟାରେ ପ୍ରଥମରେ ବେଗୁନିଆ ବ୍ଲକ କଣ୍ଟାମଳିମ ଗ୍ରାମର ମା'କାଳିକା ସଂଘର ପାଇକ ଆଖଡ଼ା ପ୍ରଦର୍ଶନ ଦର୍ଶକଙ୍କୁ ପାଇକ ବିଦ୍ରୋହ କଥା ମନେପକାଇଥିବାବେଳେ କ୍ରିଏଟିଭ ଓ ମଡର୍ନ ଡ୍ୟାନ୍ସରେ ଦର୍ଶକ ପୂରା ମଜ୍ଜିଯାଇଥିଲେ।



ମା'କାଳିକା ସଂଘର ପାଇକ ଆଖଡ଼ା ପ୍ରଦର୍ଶନ ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଭାରତ ସରକାରଙ୍କ କୋଲକତାସ୍ଥିତ ଇଷ୍ଟର୍ନ ଜୋନାଲ କଲଚରାଲ ସେଣ୍ଟର ପ୍ରାୟୋଜିତ ପୁରୁଲିଆର ଛଉ ନୃତ୍ୟ ଦର୍ଶକମାନଙ୍କ ପାଇଁ ଆକର୍ଷଣୀୟ ଥିଲା। ସେହିପରି ରାଜ୍ୟ ସଂସ୍କୃତି ବିଭାଗ ସୌଜନ୍ୟରେ କଳାହାଣ୍ଡିରୁ ଆସିଥିବା ବଜାସାଲ ନୃତ୍ୟ ଏବଂ ଖୋର୍ଦ୍ଧା ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଲୋକନୃତ୍ୟ ଓଡିଶା କଳା ସଂସ୍କୃତିକୁ ଉଜ୍ଜୀବିତ କରିଥିଲା। ଅପରପକ୍ଷରେ ବୋଲଗଡର ଆରାଧନା ପ୍ରିନସେସ ଡ୍ୟାନ୍ସ ଡ୍ୟାନ୍ସ ଏକାଡେମୀର କ୍ରିଏଟିଭ ଡ୍ୟାନ୍ସ ଓ ରାଜସୁନାଖଳା ରକଷ୍ଟାର ଗ୍ଲୋଭି ବଏଜ ଟିମର ମଡର୍ନ ଡ୍ୟାନ୍ସ ବେଶ ଚିତ୍ତାକର୍ଷକ ଥିଲା ।

କାର୍ଯ୍ୟକ୍ରମରେ ବୋଲଗଡ ରତ୍ନ ସମ୍ମାନରେ ଡ. ରୋହିଣୀକାନ୍ତ ପଟ୍ଟନାୟକଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବୋଲଗଡ ସମ୍ମାନରେ ଶତ୍ରୁଘ୍ନ ମାନସିଂହ ଏବଂ ସୁଶ୍ରୀ ଆରୋଶିଖା ଦିବ୍ୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୁବନେତା ପ୍ରଦୀପ କୁମାର ସାହୁ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସୁଶ୍ରୀ ଗୌରୀ ଦେବୀ, ଧିରେଶ ମହାପାତ୍ର, ଗଦାଧର ଚମ୍ପତି, ଶ୍ରୀନିବାସ ଛୋଟରାୟ ଅମ୍ବିକା ପ୍ରସାଦ ମହାନ୍ତି, ମହୋତ୍ସବ ସ୍ମରଣୀକା କମିଟିର ସମ୍ପାଦକ ପାର୍ବତିକାନ୍ତ ଚମ୍ପତିରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ମହୋତ୍ସବ କମିଟିର ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର କୁମାର ପରିଡା ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବର ମଞ୍ଚଶୃଙ୍ଖଳା ସମ୍ପାଦକ ଶିବ କୁମାର ସାହୁ ଓ ଶଙ୍କର ସିଂହ ସଂଯୋଜନା କରିଥିଲେ। ଶେଷରେ ସମ୍ପାଦକ ସନାତନ ପାଟ୍ଟଶାଣୀ ଧନ୍ୟବାଦ ଦେଇଥିଲେ।




ଦେଶାତ୍ମକ ସଙ୍ଗୀତରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।
- ଭଲଟାୟର



## ସଂକ୍ଷେପରେ



### କ୍ରିକେଟ: କ୍ରାଉନ ସ୍ପୋର୍ଟିଂ ସେମିରେ

**କୋଣାର୍କ,୨୮।୧୨(ଡି.ଏନ.ଏ):** ୩୧ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଚତୁର୍ଥ କ୍ୱାର୍ଟର ଫାଇନାଲ୍ ମ୍ୟାଚରେ ଜାଗୃତି ସ୍ପୋର୍ଟିଂକୁ ହରାଇ କ୍ରାଉନ୍ ସ୍ପୋର୍ଟିଂ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ପ୍ରଥମେ କ୍ରାଉନ୍ ସ୍ପୋର୍ଟିଂ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୦ଓଭରରେ ୮ ୱିକେଟ ହରାଇ ୨୪୦ରନ୍ ସଂଗ୍ରହ କରିଥିଲା। ଜବାବରେ ଜାଗୃତି ସ୍ପୋର୍ଟିଂ ୨୫.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। କ୍ଲବର ବରିଷ୍ଠ ସଦସ୍ୟ ତଥା ସୂର୍ଯ୍ୟକାନ୍ତ ଦୀକ୍ଷିତ୍, ଉପଦେଷ୍ଟା ନିର୍ମଳ ମିଶ୍ର, ସଭାପତି ପ୍ରଦୀପ୍ତ ଦୀକ୍ଷିତ୍, ଉପସଭାପତି ପ୍ରଦୀପ ପଣ୍ଡା, କୋଷାଧକ୍ଷ ମିହିର ଦୀକ୍ଷିତ୍ ଏବଂ ଶ୍ୟାମ ସୁନ୍ଦର ରଣା ଅତିଥି ଭାବେ ଯୋଗଦେଇଥିଲେ। କ୍ରାଉନ୍ ସ୍ପୋର୍ଟିଂର ଅଧିନାୟକ କିସନ ରଥଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ବର୍ତ୍ତି ସୁନ୍ଦର ବେହେରାଙ୍କୁ ଶ୍ରେଷ୍ଠ ବୋଲର ରୂପେ ଅତିଥିମାନେ ପୁରସ୍କୃତ କରିଥିଲେ। ଅମ୍ପାୟର ନିର୍ମଳ ମିଶ୍ର, ଦ୍ୱିଜେନ୍ଦ୍ର ଘୋଷ ମ୍ୟାଚ ପରିଚାଳନା କରିଥିବାବେଳେ ତ୍ରିଲୋଚନ, ସଚିନ, ଜ୍ୟୋତିପ୍ରକାଶ ସ୍କୋରର ଥିଲେ।

### ଗୋପାଳଜୀଉ ଚ୍ୟାଲେଞ୍ଜ କପ୍ ସେମିରେ ଶେଖର ସ୍ପୋର୍ଟିଂ

**ଗୋପ, ୨୮।୧୨(ଡି.ଏନ୍.ଏ):** ଗୋପ ଥାନା ଅଧୀନ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଶନିବାର ଗୋପାଳଜୀଉ ଚ୍ୟାଲେଞ୍ଜ କପ୍‌ର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଗୋପାଳଜୀଉ କ୍ରିକେଟ୍ କ୍ଲବ୍‌କୁ ହରାଇ ଶେଖର ସ୍ପୋର୍ଟିଂ ସେମି ଫାଇନାଲରେ ପ୍ରବେଶ କରିଛି। ଶେଖର ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ରୋହିତ ସାଗରଙ୍କ ୫୩ ରନ୍ ସହାୟତାରେ ସମସ୍ତ ଉଇକେଟ୍ ହରାଇ ୧୩୦ ରନ୍ କରିଥିଲା। ପ୍ରତିପକ୍ଷ ଦଳର ଆଶୁତୋଷ ଦାସ ୪ ଉଇକେଟ୍ ନେଇଥିଲେ। ଜବାବରେ ଗୋପାଳଜୀଉ କ୍ରିକେଟ୍ କ୍ଲବ୍ ୨୦.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୮ ରନ୍ ସଂଗ୍ରହ କରି ହାରିଯାଇଥିଲା। ରୋହିତ ସାଗରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ମ୍ୟାଚ୍‌କୁ ଅୟସକାନ୍ତ ମିଶ୍ର ଓ ଦେବେନ୍ଦ୍ର ନାଥ ମିଶ୍ର ପରିଚାଳନା କରିଥିଲେ।

### ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

**ପୁରୁଣା ଭୁବନେଶ୍ୱର, ୨୮।୧୨ (ଡି.ଏନ.ଏ):** ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ରେଡ୍‌କ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୁଜ୍ଞାନ ଚୌଧୁରୀ, ଉପ-ସଭାପତି ଆଶୁତୋଷ ରଥ, ସାଧାରଣ ସମ୍ପାଦକ ହୃଷୀକେଶ ମହାନ୍ତି, ଯୁଗ୍ମ ସମ୍ପାଦକ ପବିତ୍ର କୁମାର ପାତ୍ର ଏବଂ କୋଷାଧକ୍ଷ ଶ୍ୟାମ ସୁନ୍ଦର ରାଉତ ନିର୍ବାଚିତ ହୋଇଥିଲେ। କେନ୍ଦ୍ରାଞ୍ଚଳ ସମ୍ପାଦକ ଭାବେ ଲଳିତ କୁମାର ଦାସ ଏବଂ ଉତ୍ତର ଓଡ଼ିଶା ସମ୍ପାଦକ ଭାବେ ଚୈତନ୍ୟ ପ୍ରସାଦ ଦାସ ନିର୍ବାଚିତ ହୋଇଥିଲେ। ସମଗ୍ର ରାଜ୍ୟରୁ ୨୫ଜଣ କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ପ୍ରମୋଦ ପଟ୍ଟନାୟକ ନିର୍ବାଚନ ସଂଯୋଜନା କରିଥିଲେ।

# ବ୍ୟବଚ୍ଛେଦ ବିନା ଅଜଣା ମୃତଦେହ ପୋଡ଼ିବାକୁ ଅନୁମତି

**ଅଡୁଆରେ ପୁରୀ ପୋଲିସ**

- ମୃତକଙ୍କ ନାଁରେ ନିଖୋଜ ଅଭିଯୋଗ ଆଣିଲେ ସ୍ତ୍ରୀ
- ପିସିଆର୍ ପୋଲିସ ଉଠାଇଥିଲା, ଥାନା ମନା କଲା

**ପୁରୀ ଅଫିସ, ୨୮।୧୨**

ପୁରୀ ସହରରେ ଘଟିଛି ଏକ ଅଭାବନୀୟ ଘଟଣା। ମୃତ ବ୍ୟକ୍ତିଙ୍କ ନାମରେ ଥାନାରେ ହୋଇଛି ନିଖୋଜ ଅଭିଯୋଗ। ଏକ ଅଜଣା ମୃତଦେହକୁ ବ୍ୟବଚ୍ଛେଦ ବିନା ସ୍ୱର୍ଗଦ୍ୱାରରେ ପୋଡ଼ିବା ଲାଗି ଅନୁମତି ଦେଇ ଅଡୁଆରେ ଫସିଛି ପୋଲିସ। ଅନ୍ୟପଟେ ସ୍ୱର୍ଗଦ୍ୱାରରେ ପୋଡ଼ାଯାଇଥିବା ମୃତଦେହ ହିଁ ନିଖୋଜ ବ୍ୟକ୍ତି ବୋଲି ଫଟୋ ଦେଖି ଚିହ୍ନଟ କରିଛନ୍ତି ପରିବାର ଲୋକେ। ଏ ନେଇ ସେମାନେ ପୋଲିସ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। କିପରି ପୋଲିସ ଏକ ଅଜଣା ମୃତଦେହ ସମ୍ପର୍କରେ କୌଣସି ଅନୁସନ୍ଧାନ ନ କରି ଏହାକୁ ପୋଡ଼ିବା ଲାଗି ସ୍ୱେଚ୍ଛାସେବୀଙ୍କ ହାତକୁ ଟେକିଦେଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସୂଚନା ଅନୁଯାୟୀ, ବାସେଳି ସାହି ପଣାପିଆ ଲେନ୍‌ର ବାସିନ୍ଦା ମମତା ପଟ୍ଟନାୟକ ଗତ ୧୮ତାରିଖରୁ ତାଙ୍କ ସ୍ୱାମୀ ଓଳା ଓରଫ ହର ପଟ୍ଟନାୟକ ନିଖୋଜ ଥିବା ନେଇ ଶୁକ୍ରବାର ସିଂହଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପରେ ସାମ୍ନାକୁ ଆସିଛି ପ୍ରକୃତ ଘଟଣା। ଅଭିଯୋଗରେ ମମତା ଦର୍ଶାଇଛନ୍ତି ଯେ, ହର ସକାଳ ୯ଟାରେ ଘରୁ ଚାହା ପିଇ ବାହାରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। କାକୁଡ଼ିଖାଇ ଛକରେ କୌଣସି ବ୍ୟକ୍ତିଙ୍କ ସହ ସେ ଗଣ୍ଡଗୋଳ କରିଥିବା ଅଭିଯୋଗରେ ପିସିଆର୍ ପୋଲିସ ତାଙ୍କ ସ୍ୱାମୀଙ୍କୁ ଉଠାଇ ନେଇଥିବା ସେ ଖବର ପାଇଥିଲେ। ଗତ ୨୦ ତାରିଖରେ ଶାଶୁ ଓ ପୁଅ ସାଗର ଟାଉନ ଥାନାକୁ ଯାଇ ହରଙ୍କ ସମ୍ପର୍କରେ ପଚାରିବାରୁ ସେଭଳି କୌଣସି ବ୍ୟକ୍ତିଙ୍କୁ ଅଣାଯାଇ ନ ଥିବା ଏବଂ ସେ ଥାନାରେ ନ ଥିବା ପୋଲିସ କହିଥିଲା। ପରେ ସେମାନେ ବାସେଳିସାହି ଏବଂ ସିଂହଦ୍ୱାର ଥାନା ସମେତ ପୁରୀ ଜେଲରେ ମଧ୍ୟ ପଚାରି ବୁଝି କିଛି ଖବର ପାଇ ନ ଥିଲେ।

ଅନ୍ୟପକ୍ଷରେ ହରଙ୍କର ଜଣେ ସମ୍ପର୍କୀୟ କହିଛନ୍ତି, ହରଙ୍କ ଫଟୋ ଧରି ବିଭିନ୍ନ ସ୍ଥାନରେ ଖୋଜି ନିରାଶ ହେବା ପରେ ମେଡିକାଲରେ ଅନୁସନ୍ଧାନ କରିଥିଲୁ। ମେଡିକାଲ ଫାଣ୍ଡିରେ ଜଣେ ପୋଲିସ କର୍ମଚାରୀ କହିଲେ, ଡିସେମ୍ବର ୨୫ରେ ଷ୍ଟେଶନରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ବୟସ୍କ ବ୍ୟକ୍ତିଙ୍କୁ କେତେଜଣ ସ୍ଥାନୀୟ ଲୋକେ ଅଟୋ ଯୋଗେ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସେହି ବ୍ୟକ୍ତି ତାଙ୍କ ମୃତଦେହକୁ ନେଇ ସ୍ୱର୍ଗଦ୍ୱାରରେ ପୋଡ଼ି ଦେଇଥିବା ଶୁଣିଥିଲି। ମେଡିକାଲକୁ ଆସିଥିବା ବ୍ୟକ୍ତିଙ୍କ ଫଟୋ ଦେଖି ତାହା ହରଙ୍କର ବୋଲି ସେ ଜାଣିବାକୁ ପାଇଥିଲେ ବୋଲି ସମ୍ପର୍କୀୟ ଜଣକ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ କୁମ୍ଭାରପଡ଼ା ଥାନା ଅଧିକାରୀ କେ.ସି. ସେଠୀ କହିଛନ୍ତି, ମେଡିକାଲକୁ ଷ୍ଟେଶନ ଅଞ୍ଚଳର ଅଟୋଷ୍ଟାଣ୍ଡ ସଂଘର କେତେଜଣ ସଦସ୍ୟ ଜଣେ ବ୍ୟକ୍ତିଙ୍କୁ ନେଇ ମେଡିକାଲକୁ ଆସିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ତାଙ୍କ ଅବସ୍ଥା ଦେଖି ମୃତଦେହ ବ୍ୟବଚ୍ଛେଦ ଆବଶ୍ୟକ ନାହିଁ ବୋଲି କହିଥିଲେ। ସମ୍ପୃକ୍ତ ବ୍ୟକ୍ତି ସେଠାରେ ଭିକ ମାଗି ଚଳୁଥିଲେ। ତେଣୁ କେହି ଦାବିଦାର ନ ଥିବା ଭାବି ମୃତଦେହକୁ ନେଇ ପୋଡ଼ିଦେବେ ବୋଲି କହିଥିଲେ। ସ୍ଥାନୀୟ ଲୋକଙ୍କ ବୟାନ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଣିଥିବା ଲୋକଙ୍କ ବୟାନକୁ ଭିତ୍ତିକରି ସମସ୍ତ ନୀତି ନିୟମ ପ୍ରକାରେ ମୃତଦେହ ପୋଡ଼ିବାକୁ ସେମାନଙ୍କୁ ହସ୍ତାନ୍ତର କରାଯାଇଥିଲା।



ଉତ୍ତ୍ୟକ୍ତ ଲୋକମାନେ ଗୋପ-ବାଲିଘାଇ ରାସ୍ତାକୁ ଅବରୋଧ କରିଛନ୍ତି।

## ସ୍ୱାମୀ ଆଗରେ ସ୍ତ୍ରୀ ଉପରେ ଚଢ଼ିଗଲା ଟ୍ରକ୍

- ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି
- ୨ ଘଣ୍ଟା ରାସ୍ତାରୋକୋ କଲେ ଉତ୍ତ୍ୟକ୍ତ ଜନତା

**ଗୋପ, ୨୮।୧୨(ଡି.ଏନ୍.ଏ)**

ଗୋପ-ବାଲିଘାଇ ରାସ୍ତାର ମଦରଙ୍ଗ ଛକଠାରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ସ୍ୱାମୀ ଆଗରେ ସ୍ତ୍ରୀ ଉପରେ ଏକ ବାଲିବୋଝେଇ ଟ୍ରକ ଚଢ଼ିଯିବାରୁ ଘଟଣାସ୍ଥଳରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ କୋଣାର୍କ ଥାନା ଅଧୀନ ଖରାଗାଁ ତଳସାହି ଗ୍ରାମର ରବୀନ୍ଦ୍ର ଛାଟୋଇଙ୍କ ସ୍ତ୍ରୀ ଅହଲ୍ୟା ଛାଟୋଇ (୪୫)। ଏହି ଦୁର୍ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଲୋକେ ଦୀର୍ଘ ୨ଘଣ୍ଟା ଧରି ଗୋପ-ବାଲିଘାଇ ରାସ୍ତାକୁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ ହୋଇଥିବାବେଳେ ଡ୍ରାଇଭର ଫେରାର ଥିବା ପୋଲିସ୍ କହିଛି।

ସୂଚନା ଅନୁଯାୟୀ, ରବୀନ୍ଦ୍ର ଏବଂ ଅହଲ୍ୟା ଗୋପ ଥାନା ଅଧୀନ ଓରୁଆଲି ଗ୍ରାମର ନଣନ୍ଦେଇ ଧନେଶ୍ୱର ସେନାପତିଙ୍କ ଘରକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଏକ ସ୍କୁଟି (ନଂ. ଓଡି ୦୨ ୱାଇ-୬୬୫୦) ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଅପରପାର୍ଶ୍ୱରୁ ଆସୁଥିବା ବାଲି ବୋଝେଇ ଟ୍ରକ୍ (ନଂ. ଓଡି ୧୪ଆର୍-୧୧୫୦) ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ରବୀନ୍ଦ୍ର ନିଜର ଭାରସାମ୍ୟ ହରାଇବାବେଳେ ପଛରେ ବସିଥିବା ଅହଲ୍ୟା ଓଲଟି ପଡ଼ିଥିଲେ। ଅହଲ୍ୟାଙ୍କ ମୁଣ୍ଡ ଉପରେ ଟ୍ରକ ଚଢ଼ିଯାଇଥିଲା। ଅହଲ୍ୟାଙ୍କୁ ରାସ୍ତା ଉପରୁ ଟେକି ଆଣି ଡାକ୍ତରଖାନା ନେବା ପାଇଁ ରବୀନ୍ଦ୍ର ଚେଷ୍ଟା କରିଥିଲେ ମଧ୍ୟ ଯାଇପାରି ନ ଥିଲେ। ତାଙ୍କ ଆଖି ସାମ୍ନାରେ ସ୍ତ୍ରୀଙ୍କ ଜୀବନ ଦୀପ ଲିଭିଯାଇଥିଲା। ପରେ ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ରାସ୍ତାରୋକୋ କରିଥିଲେ। ବଣିଆସାହିର ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡ଼ିଆ ଏବଂ ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିଲେ। ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯାଇଥିଲା।



ଶରଧାବାଲିଠାରେ ଶନିବାର ଅନୁଷ୍ଠିତ ଶ୍ରୀଜଗନ୍ନାଥ ରସ ମହୋତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଗ୍ରାମରୁ ବାସନ୍ଦ ଘଟଣା ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ

**ଏତଲା ରଖି ନ ଥିଲା ପୋଲିସ**

**ପୁରୀ ଅଫିସ, ୨୮।୧୨**

ପୁରୀ ସଦର ଥାନା ଗୋପୀନାଥପୁର ପଞ୍ଚାୟତ ଅଧୀନ ଖଣ୍ଡିଆବନ୍ଧ ଗ୍ରାମର ରତ୍ନାକର ନାୟକ ଗ୍ରାମରୁ ବାସନ୍ଦ ହୋଇ ନ୍ୟାୟ ଲାଗି ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ସେ ନଭେମ୍ବର ୧୮ରେ ଡାକ ଯୋଗେ ସଦର ଥାନାରେ ଅଭିଯୋଗ କରିଥିଲେ। ସେହି ସମୟରେ ତତ୍କାଳୀନ ଥାନାଧିକାରୀ ମାମଲା ରୁଜୁ ଲାଗି ତାଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିବା ନେଇ ସେ ଡିସେମ୍ବର ୪ରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। କେସ୍ ନଂ. ୯୫୦/୨୦୧୯ କ୍ରମେ ଲୋକାୟୁକ୍ତ ଏହାକୁ ଗ୍ରହଣ କରି ମାମଲା ରୁଜୁ ଲାଗି ସଦର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ୨୨ଦିନ ପରେ ଅର୍ଥାତ ଡିସେମ୍ବର ୨୭ରେ ଆଇପିସି ଦଫା ୫୦୬, ୩୪ରେ କେସ୍ ନଂ ୩୩୫/୧୯ରେ ମାମଲା ରୁଜୁ କରିଛି ପୋଲିସ। ଅନ୍ୟପକ୍ଷରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଲୋକାୟୁକ୍ତ ଜାନୁୟାରୀ ୧୬ତାରିଖକୁ ଧାର୍ଯ୍ୟ କରିଛନ୍ତି। ସୂଚନା ଅନୁଯାୟୀ, ରତ୍ନାକର ନିଜ ସ୍ଥିତିବାନ ଜମି ଉପରେ ମନ୍ଦିର ନିର୍ମାଣ ଲାଗି ମନା କରିବାରୁ ଗ୍ରାମବାସୀଙ୍କ ରୋଷର ଶିକାର ହୋଇଥିଲେ। ପୂର୍ବରୁ ଗ୍ରାମର କେତେଜଣ ବ୍ୟକ୍ତି ଏକ ପୁରୁଣା ଘର ମରାମତି ଆଳରେ ସରକାରୀ ଅର୍ଥ ତୋଷରପାତ କରିଥିବା ନେଇ ସେ ନଭେମ୍ବର ୧୦ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ସେହି ମାସ ୧୭ତାରିଖ ରାତିରେ କେତେଜଣ ଗ୍ରାମବାସୀ ଘଣ୍ଟା ବାଡେଇ ଗ୍ରାମରେ କଙ୍ଗାରୁ କୋର୍ଟ ବସାଇ ତାଙ୍କୁ ସାମାଜିକ ବାସନ୍ଦ କରିଥିଲେ। ଏ ନେଇ ସେ ୧୮ତାରିଖରେ ସଦର ଥାନା ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ୨୦ରେ ସଦର ପୋଲିସ ଏତଲା ରଖିଥିଲେ ମଧ୍ୟ ମାମଲା ରୁଜୁ କରି ନ ଥିଲା। ଫଳରେ ରତ୍ନାକର ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଭକ୍ତକବି ଶ୍ରାଦ୍ଧ ଦିବସ, ଟିକିତାରାର ବାର୍ଷିକ ଉତ୍ସବ

**ପୁରୀ ଅଫିସ, ୨୮।୧୨**

ସ୍ଥାନୀୟ ଚନ୍ଦ୍ରଶେଖର ପାଠାଗାର ସଭାକକ୍ଷରେ ଶନିବାର ଭକ୍ତକବି ମଧୁସୂଦନ ରାଓଙ୍କ ଶ୍ରାଦ୍ଧ ଦିବସ ଏବଂ ଟିକିତାରାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିକିତାରାର ସମ୍ପାଦକ ବିପିନ ବିହାରୀ ଦଳାଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପଣ୍ଡିତ ସଚ୍ଚିଦାନନ୍ଦ ମହାପାତ୍ର ଉଦ୍‌ଘାଟକ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି ଏବଂ ଆଇନଜୀବୀ ସଦାଶିବ ମିଶ୍ର, ହେମନ୍ତ କୁମାର ଛୋଟରାୟ, ପୌର୍ଣ୍ଣମାସୀ ଦେବୀ, ବିଜୟ କୁମାର ପଣ୍ଡା, ଶରତ ଚନ୍ଦ୍ର ସାହୁ, ଚନ୍ଦ୍ରଶେଖର ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆମ ଶିକ୍ଷା ପଦ୍ଧତିରେ ବର୍ଣ୍ଣବୋଧର ଭୂମିକା ଏବଂ ଟିକିତାରା ଶିଶୁ କିଶୋର ପ୍ରତିକାର ପ୍ରୟାସ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଟିକିତାରାର ବାର୍ଷିକ ସଂଖ୍ୟା ଏବଂ ଶ୍ରୀଲେଖାର ପଞ୍ଚକଲମ ସଂଖ୍ୟା ମଧ୍ୟ ଉନ୍ମୋଚିତ ହୋଇଥିଲା। ଶିକ୍ଷାଦାନ ଓ ସମାଜ ଗଠନରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୬ଜଣଙ୍କୁ ଟିକିତାରା ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଥିଲା। ପରେ ରାଜ୍ୟସ୍ତରୀୟ ଶିଶୁ-କିଶୋର କବିତା ପାଠୋତ୍ସବକୁ ବିଜୟଲକ୍ଷ୍ମୀ ଦାଶ, ପ୍ରବାସିନୀ ମିଶ୍ର, ହରପ୍ରିୟା ସାହୁ, ନାରାୟଣ ଚନ୍ଦ୍ର ସେନାପତି ଏବଂ ସର୍ବାଣୀ ଦାସ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଐଶ୍ୱର୍ଯ୍ୟା ଦାଶ, ସଂଘମିତ୍ରା ବାରିକ, ପ୍ରିୟଙ୍କା ପାତ୍ର, ସୁନିଲ ବେହେରା, ଶୁଭମ୍ ଦାଶ ସଙ୍ଗୀତ ଗାନ କରିଥିଲେ।



ଟିକିତାରାର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

## ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଉଦ୍‌ଘାଟିତ
## ସଂସ୍କୃତ ଓ ସଂସ୍କୃତିକୁ ଜାଣିଲେ ଜୀବନ ସଂସ୍କାରିତ ହେବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ସାଧୁସନ୍ଥମାନେ।

**ପୁରୀ ଅଫିସ,୨୮।୧୨**

ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମ୍ ପରିସରରେ ଶନିବାର ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। କ୍ରିୟା ଯୋଗର ଅନ୍ତର୍ଜାତୀୟ ମୁଖ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଜୀବନରେ ଆସୁଥିବା ଦୁଃଖକଷ୍ଟ ଓ ସମସ୍ୟାରେ ଭାଙ୍ଗି ନ ପଡ଼ି ଆଗକୁ ବଢିବାକୁ ହେବ। ଭଗବତ ଗୀତା ଆମ ଜୀବନରେ ଆସୁଥିବା ସମସ୍ୟାଗୁଡ଼ିକୁ ସମ୍ମୁଖୀନ ହେବାକୁ ବାଟ ଦେଖାଇଥାଏ। ସଂସ୍କୃତ ଓ ସଂସ୍କୃତିକୁ ଜାଣିଲେ ଆମ ଜୀବନ ସଂସ୍କାରିତ ହୋଇପାରିବ ବୋଲି ପ୍ରଜ୍ଞାନାନନ୍ଦ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ପ୍ରଜ୍ଞାନ ମିଶନର ବରିଷ୍ଠ ସନ୍ଥ ସ୍ୱାମୀ ସମର୍ପଣାନନ୍ଦ ଗିରି ମହାରାଜ ଗୀତା ମାତା ଓ ଗୋମାତା ଆମ ରାଷ୍ଟ୍ରୀୟ ଓ ବ୍ୟକ୍ତିଗତ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିବା ସହ ଜୀବନକୁ ଏହି ଦୁଇବନ୍ଧନୀ ମଧ୍ୟରେ ବାନ୍ଧି ରଖିବାକୁ ପରାମର୍ଶ ଦେଇଥିଲେ। ସ୍ୱାମୀ ଅଖଣ୍ଡାନନ୍ଦ ମହାରାଜ ଗୀତା ବିନା ଆମର ଶିକ୍ଷା ଅସମ୍ପୂର୍ଣ୍ଣ ରହିଯିବ ବୋଲି ମତବ୍ୟକ୍ତ କରିଥିଲେ। ୩୭୩ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଥିବାବେଳେ ୨୫୦ରୁ ଊର୍ଦ୍ଧ୍ୱ ଅଂଶ ଗ୍ରହଣ ପାଇଁ ଆସିଥିବା ସ୍ୱାମୀ ଅନିର୍ବାଣାନନ୍ଦଜୀ ସୂଚନା ଦେଇଥିଲେ। ୨୫ ଜଣ ବିଚାରକ ୫ଟି ବିଭାଗରେ ହୋଇଥିବା ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ରବିବାର ଅନୁଷ୍ଠିତ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଯୋଗଦେଇ ପୁରସ୍କାର ବିତରଣ କରିବେ ବୋଲି ଜଣାପଡ଼ିଛି।

## ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ବାର୍ଷିକ ଉତ୍ସବ

**ପୁରୀ ଅଫିସ, ୨୮।୧୨**

ସ୍ଥାନୀୟ ପୌରସଦନରେ ଶନିବାର ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଜ୍ୟ ସଂଘ ସଭାପତି ଶୁଭ୍ରଜିତ ପ୍ରତିହାରୀ ସଭାପତିତ୍ୱ କରିବା ସହ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ପ୍ରସନ୍ନ କୁମାର ମହାନ୍ତି ଓ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ବରିଷ୍ଠ ପ୍ରାଧ୍ୟାପକ ଡ. ରମାକାନ୍ତ ମିଶ୍ର ଯୋଗଦେଇ ଶିକ୍ଷକ ଓ ଶିକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ପୁରୀ ସଦର ବିଇଓ ମମତା ମିଶ୍ର ଏବଂ ସଂଘର ଆବାହକ ପ୍ରଭାତ ମହାନ୍ତି ମଧ୍ୟ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ନବକିଶୋର ଦୀପ୍ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୃଷ୍ଣଚନ୍ଦ୍ର ଜେନା ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଦୁର୍ଲ୍ଲଭା ମୁଦୁଲି ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ସଂଘ ତରଫରୁ ପ୍ରକାଶିତ ମୁଖପତ୍ର କ୍ରାନ୍ତିଜ୍ୟୋତି, ବାର୍ଷିକ କ୍ୟାଲେଣ୍ଡର ଓ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ ପ୍ରସିଦ୍ଧ ପଦ୍ୟରତ୍ନ ଉନ୍ମୋଚନ କରାଯାଇଥିଲା। ଏଥିରେ ଯୋଗଦେଇଥିବା ବିଭିନ୍ନ ଜିଲାର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁରୀ ଜିଲା ସଂଘ ସଭାପତି ନିରୋଦ ରଥ ଧନ୍ୟବାଦ ଦେଇଥିଲେ। ରାଜ୍ୟ ସଂଘ ସମ୍ପାଦକ ସୋମନାଥ ରାଉତ, କୋଷାଧ୍ୟକ୍ଷ ଶଶାଙ୍କ ଜେନାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ସଂଘର ମୁଖପତ୍ର କ୍ରାନ୍ତିଜ୍ୟୋତିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଚିନାବାଦାମ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

**ସରକାରଙ୍କ ଖାମଖିଆଲ ନୀତି**

**କଣାସ, ୨୮।୧୨(ସ୍ୱ.ପ୍ର.)**

ଚାଷୀଙ୍କର ପ୍ରଗତି ପାଇଁ ପଦକ୍ଷେପ ନିଆଯାଉଥିବା ସରକାର କହୁଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଖାମଖିଆଲ ନୀତି ଯୋଗୁ କଣାସ ବ୍ଲକର ଚାଷୀ ଚିନାବାଦାମ ଚାଷରୁ ମୁହଁ ଫେରାଇ ନେବାକୁ ବସିଲେଣି। ସୂଚନା ଅନୁଯାୟୀ, କଣାସ ବ୍ଲକର ଗଡ଼ସାନପୁଟ, ଗଡ଼ବଡ଼ପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର ପଞ୍ଚାୟତର ୨୫ଶହ ହେକ୍ଟର ଜମିରେ ପ୍ରତିବର୍ଷ ଚିନାବାଦାମ ଚାଷ କରାଯାଏ। ତେବେ ପ୍ରଶାସନ ପକ୍ଷରୁ ଠିକ୍ ସମୟରେ ଚିନାବାଦାମ ବିହନ ଯୋଗାଇ ଦିଆଯାଉ ନ ଥିବାରୁ ଚାଷୀମାନେ ବାହାର ଜିଲାରୁ ଚଢା ଦରରେ ବିହନ କିଣି ଚାଷ କରିଥାନ୍ତି। ସେହିପରି ଅମଳ ସମୟରେ ମଣ୍ଡି ଖୋଲାଯାଉ ନ ଥିବାରୁ ଚାଷୀମାନେ ହଇରାଣ ହୋଇଥାନ୍ତି। ଠିକ୍ ଦରରେ ଚିନାବାଦାମ ବିକି ପାରନ୍ତି ନାହିଁ। ବାହାର ବେପାରୀଙ୍କୁ କମ୍ ମୂଲ୍ୟରେ ବିକି କ୍ଷତିଗ୍ରସ୍ତ ହୋଇଥାନ୍ତି। ତେଣୁ ଚାଷୀମାନେ ଧୀରେ ଧୀରେ ଚିନାବାଦାମ ଚାଷରୁ ଦୂରେଇ ଯାଉଛନ୍ତି। ସରକାରୀ ବିହନ ବିକ୍ରୟ ପାଇଁ ପ୍ରଶାସନ ପକ୍ଷରୁ ମନ୍ଦାରବସ୍ତରେ ଧରଣୀସେନ ମଙ୍ଗରାଜ, କଣାସରେ ପଞ୍ଚୁପଦ୍ମା ମହିଳା ସମବାୟ ସମିତି ଓ କୁଞ୍ଜେଶ୍ୱରୀ ସେବା ସମବାୟ ସମିତିକୁ ସ୍ୱୀକୃତି ମିଳିଛି। ଚଳିତବର୍ଷ ଧରଣୀସେନ ମଙ୍ଗରାଜ ମାତ୍ର ୩୦ କୁଇଣ୍ଟାଲ ଚିନାବାଦାମ ବିହନ ବିକ୍ରି କରିବା ପାଇଁ ଆଣିଥିଲେ। ପଞ୍ଚୁପଦ୍ମା ମହିଳା ସମବାୟ ସମିତି ଓ କୁଞ୍ଜେଶ୍ୱରୀ ସେବା ସମବାୟ ସମିତି ଚଳିତବର୍ଷ ଚିନାବାଦାମ ବିହନ ଆଣିନାହାନ୍ତି। ଫଳରେ ଅନେକ ଚାଷୀ ବିହନ ପାଇପାରି ନାହାନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୃଷି ବିଭାଗ ପକ୍ଷରୁ କଣାସ ବ୍ଲକରେ ୨୫ଶହ ହେକ୍ଟର ଜମିରେ ଚିନାବାଦାମ ଚାଷ ହେଉଛି। ଗଡସାନପୁଟ ଓ ଗଡବଡପୁଟ ପଞ୍ଚାୟତରେ ୭୫ ହେକ୍ଟର ଲେଖାଏ, ପାଣ୍ଡିଆକେରା ପଞ୍ଚାୟତରେ ୬୨ହେକ୍ଟର ଜମିରେ ଡୋମନ୍ ସେକ୍ସନ ଜରିଆରେ ଚିନାବାଦମ ବିହନ ଯୋଗାଇ ଦିଆଯାଇଥିବା ବ୍ଲକ କୃଷି ଅଧିକାରୀ ଜେ. ନଳିନୀ କହିଛନ୍ତି। ଅନ୍ୟପକ୍ଷରେ ରାଜନେତାଙ୍କ ପ୍ରରୋଚନାରେ କୃଷି ବିଭାଗ ପକ୍ଷରୁ ପଞ୍ଚୁପଦ୍ମା ମହିଳା ସମବାୟ ସମିତିକୁ ଚିନାବାଦାମ ବିହନ ଦିଆଯାଉ ନ ଥିବା ଏହି ସମିତିର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। କେତେଜଣ ଚାଷୀ କହିଛନ୍ତି, ନିଗମରୁ କୁଇଣ୍ଟାଲ ପିଛା ୮୨୩୬ ଟଙ୍କାରେ ବିହନ କିଣି ଚାଷୀଙ୍କୁ ବିକିବା ପରେ ସବ୍‌ସିଡି ବାବଦ ୩ହଜାର ୩୬ ଟଙ୍କା ସରକାରଙ୍କ ଆକାଉଣ୍ଟକୁ ପଠାଇବାକୁ ନିର୍ଦ୍ଦେଶ ରହିଛି। ତେବେ ସବ୍‌ସିଡି ଟଙ୍କା ଆସିବାକୁ ୨-୪ ମାସ ସମୟ ଲାଗୁଛି। ତେଣୁ ସ୍ୱୀକୃତିପ୍ରାପ୍ତ ବିକ୍ରେତାମାନେ ନିଗମରୁ ଚିନାବାଦାମ ଆଣୁନାହାନ୍ତି। ପାଣ୍ଡିଆକେରା ଗ୍ରାମପଞ୍ଚାୟତର ପାଣ୍ଡିଆକେରା, ବଗିପଡ଼ା, ଘରଛିଆ, ଗଡ଼ମାଟିଆପଡ଼ା, ନୂଆସାହି, ନାନକେରା, ଗଡ଼ବଡପୁଟ ପଞ୍ଚାୟତର ବୀରକେଶରପୁର, ବାରଦା, ବାଦଲପୁର, ତିଗିରିଆ, ଗଡ଼ସାନପୁଟ ପଞ୍ଚାୟତର ଗଡ଼ସାନପୁଟ, ଛୋଟିଯୋଡ଼ି, କଣ୍ଟାବଣିଆ, ଦୋକନ୍ଦା ପଞ୍ଚାୟତର ଦୋକନ୍ଦା, ସବଳଙ୍ଗ, ବଡ଼ାସ ପଞ୍ଚାୟତର ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ଗଡ଼ବଳଭଦ୍ରପୁର ପଞ୍ଚାୟତର ଗଡ଼ ବଳଭଦ୍ରପୁର, ଗୌଡ଼ପାଟଣା, ଅଶ୍ୱତ୍ଥପାରି ପ୍ରଭୃତି ଗ୍ରାମର ଶହ ଶହ ଚାଷୀ ଦୈନନ୍ଦିନ କଣାସ କୃଷି କାର୍ଯ୍ୟାଳୟ ଏବଂ ସ୍ୱୀକୃତିପ୍ରାପ୍ତ ବିକ୍ରେତାମାନଙ୍କ ପାଖକୁ ଧାଇଁ ଧାଇଁ ନିରାଶ ହେଉଛନ୍ତି।